ସାପ୍ତାହିକ ସ୍ୱୀକାର
Postal Regd. No.: SBP/14/2019-2021
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.25 | Issue - 30 | 22 - 28 August 2021 | Sambalpur | Page-12 | Invitation Price Rs.10

# ବେଦାନ୍ତର ଧୂଆଁ ଓ ପାଉଁଶ ଗୁଣ୍ଡରେ ଝାରସୁଗୁଡ଼ାବାସୀ ଅତିଷ୍ଠ



**ନିଦାବିଷ୍ଟୁ ସାଜିଛି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼**

ସମ୍ବଲପୁର : ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା 'ଗ୍ରିନ୍‌ପିସ୍ ଓ ସର୍ଭେ ସଂସ୍ଥା 'ଓ୍ୱେଟଲାଣ୍ଡ ଇଣ୍ଟର ନ୍ୟାସନାଲ ସାଉଥ ଏସିଆର ରିପୋର୍ଟ ଅନୁଯାୟୀ ଦେଶର ଯେଉଁ କେତେକ ସ୍ଥାନରେ ମାରାତ୍ମକ ସଲଫର୍ ଡାଇ-ଅକ୍ସାଇଡ୍ ନିର୍ଗମନକାରୀ ଶିଳ୍ପ ସଂସ୍ଥା ରହିଛି, ସେଥି ମଧ୍ୟରେ ଝାରସୁଗୁଡ଼ା ସର୍ବାଗ୍ରେ ରହିଛି । ଦେଶର ଶହେ ପ୍ରଦୂଷଣ ସହର ମଧ୍ୟରେ ଝାରସୁଗୁଡ଼ାର ନାମ ଥିବା ମଧ ପ୍ରକାଶ ପାଇ ସାରିଛି । ଏହି ପ୍ରଦୂଷଣ କେବଳ ଯେ ଝାରସୁଗୁଡ଼ା ପାଇଁ ବିପଦ ତାହା ନୁହେଁ, ଏହା ସାରା ବିଶ୍ୱ ପାଇଁ ବିପଦ ଆଣୁଛି ବୋଲି ବହୁ ସ୍ୱେଚ୍ଛାସେବୀ ଓ ସର୍ଭେ ସଂସ୍ଥା ଅନେକ ରିପୋର୍ଟ ପ୍ରଦାନ କରି ସାରିଛନ୍ତି । ଏଥିସହ ନିକଟରେ ବୋହି ଯାଇଥିବା ହୀରାକୁଦ ଜଳ ଭଣ୍ଡାରରେ ଫିକାଲ କୋଲିଫର୍ମ ଏବଂ ଟୋଟାଲ କୋଲିଫର୍ମ ଜୀବାଣୁ ସହ ଉକ୍ତ ପାଣିରେ ଫ୍ଲୋରାଇଡ ମାତ୍ରା ବିପଦ ସଂକୁଳ ଅବସ୍ଥାରେ ଥିବା ମଧ ଉଲ୍ଲେଖ କରାଯାଇଛି ।

ଏଠାରେ ଥିବା ବେଦାନ୍ତ ଆଲୁମିନିୟମ କାରଖାନା ଓ ଏସ୍ଏମ୍‌ସି, ପଡୋଶୀ ଜିଲ୍ଲା ସମ୍ବଲପୁରରେ ଭୂଷଣ ଷ୍ଟିଲ, ଆଦିତ୍ୟ ଆଲୁମିନା, ଭଳି 'ଏ ଶ୍ରେଣୀର ଶିଳ୍ପକାରଖାନା ରହିଛି । ଲଖନପୁର ବ୍ଲକରେ ଟିଆରଏଲ, ଓପିଜିସି କାରଖାନା ଥିବା ବେଳେ ଜିଲ୍ଲା ସୀମାକୁ ଲାଗି ଏନଟିପିସିର ତାପଜ ବିଦ୍ୟୁତ ପ୍ରକଳ୍ପ ରହିଛି । ଏବେ ଝାରସୁଗୁଡ଼ା-ସମ୍ବଲପୁର ସୀମାରେ ଆଉ ଏକ ବୃହତ ତାପଜ ବିଦ୍ୟୁତ କେନ୍ଦ୍ର ସ୍ଥାପନ ହେବାକୁ ଯାଉଛି । ଏହି ତାପଜ ବିଦ୍ୟୁତ ଓ ଲୌହ କାରଖାନାଗୁଡିକରେ ଦୈନିକ ହଜାର ହଜାର



**ଦେଶର ଶହେ ପ୍ରଦୂଷିତ ସହର ମଧ୍ୟରେ ଝାରସୁଗୁଡ଼ା**

ଟନ୍ କୋଇଲା ଦହନ ଫଳରେ ଏଥିରୁ ସଲଫର ଡାଇ-ଅକ୍ସାଇଡ, ନାଇଟ୍ରୋଜେନ ଅକ୍ସାଇଡ, କାର୍ବନ ମନୋକ୍ସାଇଡ ଭଳି ମାରାତ୍ମକ ଗ୍ୟାସ ଓ ରସାୟନିକ ଦ୍ରବ୍ୟ ନିର୍ଗତ ହୋଇ ବାୟୁମଣ୍ଡଳରେ ମିଶୁଛି । ଏହାସହ କାରଖାନାଗୁଡିକ ମଧ୍ୟରୁ ବିଭିନ୍ନ କଠିନ ବର୍ଜ୍ୟ ତଥା ଫ୍ଲାଏ ଆସ ଉତ୍ପନ୍ନ ହୋଇ ଅଞ୍ଚଳର ବାୟୁମଣ୍ଡଳକୁ ପ୍ରଦୂଷଣ କରୁଛି । ଜିଲ୍ଲାର ବିଭିନ୍ନ ଜଳାଶୟ ପ୍ରଦୂଷିତ ହେଉଥିବାରୁ ବହୁ ସମୟରେ ମାଛ ମଡ଼କ ଘଟଣା ସହିତ ବିଭିନ୍ନ କାରଖାନାରୁ ନିର୍ଗତ ବିଷାକ୍ତ ଗ୍ୟାସ ଯୋଗୁଁ ଚାଷଜମି ପୋଡ଼ିଯାଇ ଲକ୍ଷାଧିକ ଟଙ୍କାର ଫସଲ କ୍ଷତି ହେଉଥିବା ଭଳି ଘଟଣା ଅତୀତରେ ଅନେକ ଥର ଘଟିଛି । ବିଶେଷ କରି ବେଦାନ୍ତ କାରଖାନାରୁ ବାହାରୁଥିବା ଦୈନିକ ୨୨ ହଜାର ଟନ୍ ପାଉଁଶ ବେଆଇନ ଭାବେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଇତସ୍ତତଃ ଭାବେ ପକାଇ ଦିଆଯାଉଛି । କମ୍ପାନୀରୁ ନିର୍ଗତ ହେଉଥିବା ପ୍ରଦୂଷିତ ଜଳ ସିଧାସଳଖ ଭେଡ଼େନ ନଦୀରେ ପଡି ହୀରାକୁଦ ଜଳଭଣ୍ଡାର ପ୍ରତି ବିପଦ ସୃଷ୍ଟି କରୁଛି ।

ଏହି କାରଖାନା କୌଣସି ସରକାରୀ ଆଇନକୁ ଭ୍ରୁକ୍ଷେପ ନ କରି ଖୋଲାଖୋଲି ଧୂଆଁ ଛାଡୁଥିବାରୁ ଜିଲ୍ଲାବାସୀ ପ୍ରଦୂଷଣରେ ଅତିଷ୍ଠ ହୋଇ ପଡୁଛନ୍ତି । କାରଖାନାର ଏହିସବୁ ବେଆଇନ କାର୍ଯ୍ୟପ୍ରତି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ନିଦାବିଷ୍ଟୁ ସାଜିଛନ୍ତି । ପ୍ରଦୂଷଣ ବୋର୍ଡର ଆଞ୍ଚଳିକ ଅଧିକାରୀଙ୍କୁ ସହଜେ କେହି ଖୋଜିଲେ ମିଳନ୍ତି ନାହିଁ । ରାଜନୈତିକ ତଥା ପ୍ରଶାସନିକ ପୃଷ୍ଠପୋଷକତା ପାଇ ସେ ଜିଲ୍ଲାର ବିଭିନ୍ନ କାରଖାନାର ରକ୍ଷା କବଚ ସାଜିଥିବା ଜନସାଧାରଣରେ ଖୋଲାଖୋଲି ଅଭିଯୋଗ ହେଉଛି । ଶିଳ୍ପାୟନ ସହିତ ଖଣି ସଂପ୍ରସାରଣ ଜିଲ୍ଲାରେ ଜଙ୍ଗଲ ସଂପଦକୁ ପ୍ରଭାବିତ କରିଛି । ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଏଠାରେ ପ୍ରାକୃତିକ ପରିବେଶରେ ଭାରସାମ୍ୟ ରକ୍ଷା ପାଇଁ ୩୫ ପ୍ରତିଶତ ଜଙ୍ଗଲର ଆବଶ୍ୟକତା ରହିଛି । ଖଣିଖୋଦାନ ଓ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ପ୍ରାକୃତିକ ଜଙ୍ଗଲ କ୍ରମଶଃ ଧ୍ୱଂସ ପାଇ ଏହା ୧୪.୭ ପ୍ରତିଶତ ତଳକୁ ଖସି ଆସିଥିବା ଜଣାଯାଇଛି । ବାୟୁମଣ୍ଡଳରେ ଭାସୁଥିବା ବିଷାକ୍ତ ଗୁଣ୍ଡ ସବୁଜ ବୃକ୍ଷଲତା ସହିତ ଉର୍ବର ଚାଷଜମି, ଭୂଗର୍ଭ ଜଳ ଏବଂ ମୁକ୍ତବାୟୁକୁ ପ୍ରଭାବିତ କରୁଥିବା ବିଶେଷଜ୍ଞ ମତ ଦେଇଛନ୍ତି । ବିଭିନ୍ନ କାରଖାନା ବର୍ଜ୍ୟବସ୍ତୁ ସୁପରିଚାଳନାକୁ ନେଇ ସ୍ୱଚ୍ଛତା ନ ଥିବାରୁ ପ୍ରଶାସନ କମ୍ପାନି ଓ ସାଧାରଣ ଜନତାଙ୍କ ମଧ୍ୟରେ ପରସ୍ପର ପ୍ରତି ସନ୍ଦେହ ସୃଷ୍ଟି ହେଉଛି । ଝାରସୁଗୁଡ଼ାରେ ପ୍ରଦୂଷଣ କେବଳ ଏହି ଅଞ୍ଚଳ ପାଇଁ ଚିନ୍ତାର କାରଣ ନୁହେଁ ଏହା ସାରା ବିଶ୍ୱ ପାଇଁ ଏକ ସତର୍କ ଘଣ୍ଟି ଭଳି ଚେତାଇ ଦେଉଛି ।

## ବର୍ଷା ଅଭାବ ଯୋଗୁଁ ମରୁଡ଼ି ମୁହାଁ ଓଡ଼ିଶା

ସମ୍ବଲପୁର : ରାଜ୍ୟରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ଫସଲହାନୀ ଆଶଙ୍କା ଦେଖା ଦେଇଛି । ଏବେଠାରୁ ମରୁଡ଼ି ପରିସ୍ଥିତି ଉପୁଜିଲାଣି । ଅଗଷ୍ଟ ୧ ରୁ ୨୦ ତାରିଖ ମଧ୍ୟରେ



ରାଜ୍ୟରେ ୫୦%ରୁ ଅଧିକ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଚାଷ କାର୍ଯ୍ୟରେ ଏହା ଚିନ୍ତାଜନକ ପ୍ରଭାବ ପକାଇଛି । ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୨୨୦ ବ୍ଲକରେ ସର୍ବନିମ୍ନ ଆବଶ୍ୟକ ୧୩୫ ମି.ମି ରୁ କମ୍ ବର୍ଷା ହୋଇଥିବାରୁ ଧାନରୁଆ ବେଉଷଣ ବିଶେଷ ଭାବେ ପ୍ରଭାବିତ ହୋଇଛି । ଏପରିକି ୭୩ ବ୍ଲକରେ ଧାନଗଛ ବଞ୍ଚି ରହିବା ପାଇଁ ଆବଶ୍ୟକ ୬୦% ମି.ମି ବର୍ଷା ବି ହୋଇନାହିଁ । ଧାନରୁଆ ଓ ବେଉଷଣ ପାଇଁ ଅତି କମରେ ବାଷ୍ପୀକରଣକୁ ମିଶାଇ ୧୩୫ ମି.ମି ବର୍ଷା ଆବଶ୍ୟକ ହେଉଥିବା ବେଳେ ମାତ୍ର ୭ଟି ଜିଲ୍ଲାରେ ଏହି ଆବଶ୍ୟକ ବର୍ଷା ହୋଇଛି । ମୌସୁମୀ ଆରମ୍ଭରୁ ଅର୍ଥାତ୍ ଜୁନ ମାସରେ ରାଜ୍ୟରେ ୩% ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ଜୁଲାଇରେ ୧୯% ନିଅଣ୍ଟିଆ ବର୍ଷା ହୋଇଥିଲା । ଅଗଷ୍ଟ ମାସରେ ବର୍ଷା ହେଲେ ଏହି ନିଅଣ୍ଟିଆ ସ୍ଥିତି ଭରଣା ହୋଇଯିବ ବୋଲି ଆଶା କରାଯାଉଥିଲା ।

ଅବଶିଷ୍ଟାଂଶ ୧୧ମ ପୃଷ୍ଠାରେ




## ଏ ସଂଖ୍ୟାରେ..


ଭିଟାମିନ୍‌ରେ ଭରପୁର ଆତ


ସପେଟା ଖାଇ ସୁସ୍ଥ ରୁହନ୍ତୁ


ଔଷଧରେ ଭରପୁର ବାହାଡ଼ା


ଆଜମା ଆର୍ଥ୍ରାଇଟିସରୁ ରକ୍ଷାକରେ ଅଖରୋଟ


ଅରଖର ଉପକାରିତା

# ସମ୍ବଲପୁର ଜିଲ୍ଲାରେ ଅଣଜଳସେଚିତ ଅଞ୍ଚଳରେ ମରୁଡ଼ିର କରାଳ ଛାୟା

ସମ୍ବଲପୁର : ଦିନ କୋଡିଏ ଟା ପରେ ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ ନୂଆଁଖାଇ । ଇଷ୍ଟଦେବୀ ସମଲେଶ୍ୱରୀଙ୍କ ପାଖରେ ନୂତନ ଅନ୍ନ ଅର୍ପଣ କରିବାର ପରମ୍ପରା । ହେଲେ ଅଧାରେ ଖରିଫ ଚାଷ ଠପ୍ ପଡ଼ିଯାଇଥିବା ବେଳେ ଉଭୟ ରୁଆ ଓ ବୁଣା ଜମି ଫାଟି ଲକ୍ଷେ ଫାଳ ହେଲାଣି । ଏଭଳି ସ୍ଥିତିରେ ନୂଆଁ ଧାନ କେଉଁଠୁ ଆଣି ଇଷ୍ଟଦେବୀଙ୍କୁ ଅର୍ପଣ କରିବ, ସେହି ଚିନ୍ତାରେ ଏବେ ଅନ୍ନଦାତାର ନିଦ ହଜିଗଲାଣି । ସମ୍ବଲପୁର ଜିଲ୍ଲାର ଚିର ମରୁଡ଼ିଗ୍ରସ୍ତ କୁଚିଣ୍ଡା ଏବଂ ରେଢ଼ାଖୋଲ ଉପଖଣ୍ଡରେ ଭୟଙ୍କର ମରୁଡିର କରାଳ ଛାୟା ଏବେ ସମଗ୍ର ଚାଷୀକୂଳକୁ ଘୋର ହତାଶାର ଅଥଳ ସାଗର ଭିତରକୁ ଠେଲି ଦେଲାଣି । ମୌସୁମୀ ନିରୁଦ୍ଧିଷ୍ଟ ହୋଇଥିବା ବେଳେ ଜୁଲାଇରେ ୨୮ ପ୍ରତିଶତ କମ୍ ବର୍ଷା ଯେତିକି ଚିନ୍ତା ବଢ଼ାଇଥିଲା, ଏବେ ଅଗଷ୍ଟରେ ମାତ୍ର ୨୭ ପ୍ରତିଶତରେ ସୀମିତ ବର୍ଷା ଖରିଫ ଚାଷରୁ ମୁହଁ ଫେରାଇବାକୁ ବାଧ୍ୟ କଲାଣି । ବହୁ ସ୍ଥାନରେ ଚାଷୀ ବିଲ ଛାଡ଼ି ସାରିଥିବା ବେଳେ କିଛି ସ୍ଥାନରେ ଗୋରୁ ଚରିବା ଆରମ୍ଭ କଲେଣି ।

ଉଜୁଡ଼ି ଗଲାଣି ଖରିଫ ଚାଷ । ଖରିଫ ଋତୁ ଆରମ୍ଭରୁ ମୌସୁମୀ ଧୋକ୍କା ଦେଇଛି । ଲଘୁଚାପ ବର୍ଷା ଆଶାରେ ବର୍ତ୍ତମାନ ସୁଦ୍ଧା ଚାଷୀ ଖରିଫ ଚାଷ ଜାରି ରଖିଥିଲା । ହେଲେ ଗତ ଜୁନ୍ ମାସରୁ ନିଅଣ୍ଟିଆ ବର୍ଷା ଚାଷୀଙ୍କ ପାଇଁ କାଳ ହୋଇଛି । ଜୁନ୍ ମାସରେ ନିଅଣ୍ଟିଆ ବର୍ଷା ହୋଇଥିଲେ ହେଁ ରୁଆ ବିହୁଡ଼ା ପାଇଁ ସମୟ ଥିବାରୁ କୌଣସି ମତେ ଚାଷୀ ଆଶା ବାନ୍ଧି ବିଲରେ ବ୍ୟସ୍ତ ରହିଥିଲା । ହେଲେ ଗତ ଜୁଲାଇ ଏବଂ ଚଳିତ ମାସରେ ବି ବର୍ଷା ଉଭାନ ମାରିଥିବାରୁ ସ୍ଥିତି ସଙ୍ଗୀନ ହୋଇଯାଇଛି । ଗତ ଜୁଲାଇ ମାସରେ ସମ୍ବଲପୁର ଜିଲ୍ଲାରେ ହାରାହାରି ୪୨୯.୫ ମିମି ବର୍ଷା ହେବା କଥା । ହେଲେ ୩୧୦.୧୧ ମିମିରେ ସୀମିତ ହୋଇଯାଇଛି । ପ୍ରାୟ ୨୮ ପ୍ରତିଶତ କମ୍ ହୋଇଥିଲା । ଫଳରେ ବିହୁଡ଼ା ତ ଦୂରର କଥା ରୁଆ ବି ସାଂଘାତିକ ଭାବେ ବାଧାପ୍ରାପ୍ତ ହୋଇଥିଲା ।

ଏଭଳି ସ୍ଥିତିରେ ଅଗଷ୍ଟ ମାସର ପ୍ରଥମ ସପ୍ତାହ ଯାଏ ଚାଷୀ ବିହୁଡା ପାଇଁ ଆଶା ବାନ୍ଧି ବସିଥିଲା । କିନ୍ତୁ, ତୃତୀୟ ସପ୍ତାହ ବି ପାରି ହେବା ବେଳକୁ ବର୍ଷାର ଦେଖା ନାହିଁ । ଚଳିତ ଅଗଷ୍ଟ ମାସରେ ଜିଲ୍ଲାରେ ହାରାହାରି ୪୪୨.୪ ମିମି ବର୍ଷା ହେବା କଥା । ସେହି ହାରରେ ବର୍ତ୍ତମାନ ସୁଦ୍ଧା ୨୯୪.୯୩ ମିମି ବର୍ଷା ହେବା କଥା । ହେଲେ ମାତ୍ର ୭୯.୮୦ ମିମିରେ ସୀମିତ ରହିଯାଇଛି ବର୍ଷା । ନିର୍ଦ୍ଧାରିତ ପରିମାଣ ଠାରୁ ୭୩ ପ୍ରତିଶତ କମ୍ ବର୍ଷା ରେକର୍ଡ ହୋଇଛି । ଫଳରେ ଜିଲ୍ଲାର କୁଚିଣ୍ଡା ଏବଂ ରେଢ଼ାଖୋଲ ଉପଖଣ୍ଡର ସ୍ଥିତି ସଂଗୀନ ହୋଇଗଲାଣି । ସମ୍ବଲପୁର ଉପଖଣ୍ଡର ଅଧିକାଂଶ ଅଞ୍ଚଳ ଜଳସେଚିତ ଥିବା ବେଳେ କୁଚିଣ୍ଡା ଏବଂ ରେଢ଼ାଖୋଲରେ ଏକପ୍ରକାର ଖରିଫ ଚାଷ ସଂପୂର୍ଣ ଭାବେ ଉଜୁଡ଼ି ଗଲାଣି ।

ଲୋକେ ନିଜସ୍ୱ ବ୍ୟବସ୍ଥାରେ ଅନେକ ଦିନ ଧରି ଖର୍ଚ୍ଚାନ୍ତ ହୋଇ ପାଣି ମଡାଇ ଫସଲ ବଞ୍ଚାଇବାକୁ ଚେଷ୍ଟା କଲେ । ହେଲେ ମାସାଧିକ ସମୟ ଧରି ବର୍ଷା ନ ହେବାରୁ ବିଲକୁ ଯିବାକୁ ବି ଚାଷୀ ଛାଡି ଦେଲେଣି । ଉଭୟ ରୁଆ ଏବଂ ବୁଣା ଜମି ଫାଟି ଆଁ କରିଥିବା ବେଳେ ଢିପ ଜମିରେ ବୁଣା ଧାନ ସୁଖି ପାଳ ପରି ହେଲାଣି । ଏପରିକି ବାମରା ବ୍ଲକର କିଛି ଅଞ୍ଚଳରେ ଲୋକେ ଜମିରେ ଗୋରୁ ଛାଡିବା ବି ଖବର ଆସିଲାଣି । ସେହିପରି ରେଢାଖୋଲ ଉପଖଣ୍ଡ ନାକଟିଦେଉଳ ବ୍ଲକର ସାହେବୀ, ବାଟଗାଁ, ଘୁଷୁରାମାଲ, ଶିମିଳିପାଲ, ଗୋଗୁଆ ସମେତ ଯୁଯୁମୁରା ବ୍ଲକର ଘେନୁପାଲି, ଛାମୁଣ୍ଡା, ମେଘପାଳ, ନୂଆ ବରଙ୍ଗାମାଲ ଆଦି ବହୁ ପଞ୍ଚାୟତରେ ମରୁଡିର କରାଳ ଛାୟା ଦେଖିବାକୁ ମିଳୁଛି । ବର୍ତ୍ତମାନ ସୁଦ୍ଧା ଚାଷରେ ଏତେ ବିଳମ୍ବ ହେଲାଣି ଯେ, ଆଉ ବର୍ଷା ହେଲେ ବି ଫସଲରୁ ଧାନ ଅମଳ ସ୍ୱପ୍ନ ପ୍ରାୟ ହେଲାଣି । ଫଳରେ ଆଉ ଏଥିରେ ଅଧିକ ଖର୍ଚ୍ଚାନ୍ତ ହେବାକୁ ଚାଷୀ ଉଚିତ ମନେ କରୁନାହାନ୍ତି । ଏଭଳି ସ୍ଥିତିରେ ବି ବର୍ତ୍ତମାନ ସୁଦ୍ଧା ଜିଲ୍ଲା ପ୍ରଶାସନ ଏକପ୍ରକାର ଅଚିନ୍ତାରେ ଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲାଣି । ଏପଟେ ଆର୍ଡିସିଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତେ ଛୁଟିରେ ଥିବା ବେଳେ ପ୍ରଶାସନିକ କଳ ଏକପ୍ରକାର ଠପ୍ ପଡିଯାଇଛି । ଆଉ ମରୁଡିର ପ୍ରତିକାର ତଥା ବିକଳ୍ପ ଚାଷ ପାଇଁ କୃଷି ବିଭାଗ ପକ୍ଷରୁ ବି କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ଏନେଇ ଜିଲ୍ଲା ପରିଷଦ ବୈଠକରେ ଜିଲ୍ଲାକୁ ମରୁଡିଗ୍ରସ୍ତ ଘୋଷଣା କରିବାକୁ ବିଧିବଦ୍ଧ ପ୍ରସ୍ତାବ ଗୃହୀତ ହୋଇଛି ।

ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲ୍ଲା କୃଷି ବିଭାଗ ସୂଚନା ଅନୁଯାୟୀ ଜିଲ୍ଲାରେ ଚଳିତ ଖରିଫ ଋତୁରେ ୧ ଲକ୍ଷ ୫୬ ହଜାର ୬୬୦ ହେକ୍ଟର ଜମିରେ ଖରିଫ ଧାନ ଚାଷ ପାଇଁ ଲକ୍ଷ୍ୟ ରହିଛି । ସେଥିରୁ ୪୩ ହଜାର ୮୨୭ ହେକ୍ଟର ଜମିରେ ବିହୁଡା ଓ ୬୧ ହଜାର ୮୩୩ ହେକ୍ଟର ଜମିରେ ରୁଆ ପଦ୍ଧତିରେ ଧାନ ଚାଷ ହେବାକୁ ଲକ୍ଷ୍ୟ ରଖାଯାଇଥିଲା । । ଜିଲ୍ଲାର ହୀରାକୁଦ କମାଣ୍ଡ ଏରିଆକୁ ଛାଡି ଦେଲେ ଜିଲ୍ଲାର ଅନ୍ୟ ସମସ୍ତ ସ୍ଥାନରେ ଉଠା ଜଳସେଚନ କିମ୍ବା ବର୍ଷା ଉପରେ ହିଁ ଖରିଫ ଚାଷ ନିର୍ଭର କରିଥାଏ । ହେଲେ ଏହି ନିଅଣ୍ଟିଆ ବର୍ଷା ଭିତରେ ବିହୁଡା ଆଦୌ ଆରମ୍ଭ ହୋଇନଥିବା ବେଳେ ରୁଆ ବି ମାତ୍ର ୨୦ ପ୍ରତିଶତରେ ସୀମିତ ରହିଯାଇଛି ।

## ସଦଭାବନା ଦିବସ ଉପଲକ୍ଷେ ଶପଥପାଠ

ସୋନପୁର : ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ତଥା ସଦଭାବନା ଦିବସ ଉପଲକ୍ଷେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ଶପଥପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା । ସୁବର୍ଣ୍ଣପୁର ଜିଲ୍ଲାପାଳ ଶ୍ରୀମତୀ ଅବୋଲୀ ସୁନିଲ ନରୱଣେ ଅଧକ୍ଷତା କରି ଏହି ଦିବସର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ । ଜାତି, ଧର୍ମ, ସମ୍ପ୍ରଦାୟ ଭାଷାରେ କୌଣସି ବିଭେଦ ନ ରଖି ସମସ୍ତଙ୍କ ମଧରେ ଭାବନାତ୍ମକ ଏକତା ଏବଂ ସଦଭାବନା ରକ୍ଷାକାର୍ଯ୍ୟ କରିବା ସହିତ ହିଂସାର ଆଶ୍ରୟ ନ ନେଇ ସମସ୍ତ ପ୍ରକାର ମତଭେଦକୁ କଥାବାର୍ତ୍ତା ଏବଂ ସାମ୍ବାଦିକ ମାଧମରେ ସମାଧାନ କରିବା ପାଇଁ ସମସ୍ତେ ଶପଥ କରିଥିଲେ । ଏହି ଶପଥ ପାଠ ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ନିଶି ପୁନମ ମିଞ୍ଜ, ଜିଲ୍ଲାମଙ୍ଗଳ ଅଧିକାରୀ ପାଲାକାର ରବୀନ୍ଦ୍ର, ଜିଲ୍ଲା ପଞ୍ଚାୟତ ଅଧିକାରୀ ଇପ୍ସିତା ମିଶ୍ର, ଜିଲ୍ଲା ସ୍ୱଳ୍ପ ସଂଚୟ ଅଧିକାରୀ ହରିଚରଣ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

## ସୁନ୍ଦରଗଡ଼ରେ ଏମ୍ସ ପ୍ରତିଷ୍ଠା ପାଇଁ ନାଗରିକ କମିଟିର ଦାବି

ସୁନ୍ଦରଗଡ଼ : ସୁନ୍ଦରଗଡ଼ରେ ରାଜ୍ୟର ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ନାଗରିକ କମିଟିର ଏକ ବୈଠକ ବସି ଏନେଇ ଆଲୋଚନା କରାଯାଇଛି । ନାଗରିକ କମିଟିର ସଭାପତି ଅଶୋକ କୁମାର ଦାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଏନଟିପିସି ଦ୍ୱାରା ନିର୍ମିତ ହୋଇଥିବା ଏନଟିପିସି ହସ୍ପିଟାଲକୁ କେନ୍ଦ୍ର ସରକାର ଦ୍ୱିତୀୟ ଏମ୍ସ ଭାବରେ ଗ୍ରହଣ କରି ଏହା ତୁରନ୍ତ ଚାଲୁ କରିବା ପାଇଁ ଦାବି ହୋଇଛି । ଓଡ଼ିଶା ସରକାର ଏ ସଂକ୍ରାନ୍ତରେ କେନ୍ଦ୍ର ସରକାରଙ୍କୁ ସୁନ୍ଦରଗଡ଼ ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଦେଇ ସାରିଛନ୍ତି । କେନ୍ଦ୍ର ସରକାରଙ୍କ ସହିତ ଯୋଗାଯୋଗ କରି ଏମ୍ସ ପ୍ରତିଷ୍ଠାକୁ ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ହସ୍ତକ୍ଷେପ କରିବାକୁ ଅନୁରୋଧ କରାଯାଇଛି । ଆସନ୍ତା ବିଧାନସଭା ଅଧିବେଶନ ସମୟରେ ସୁନ୍ଦରଗଡ଼ ଠାରେ ଦ୍ୱିତୀୟ ଏମ୍ସ ପ୍ରତିଷ୍ଠା ନେଇ ଏକ ସଂକଳ୍ପ ପାରିତ କରିବା ପାଇଁ ଅନୁରୋଧ କରାଯାଇଛି ।

ଏହି ଦାବି ପ୍ରତି ସମସ୍ତ ରାଜନୈତିକ ଦଳ, ବୁଦ୍ଧିଜୀବୀ, ଶ୍ରମିକ, ଯୁବ, ଛାତ୍ର ସଙ୍ଗଠନ, ସାମାଜିକ ସଙ୍ଗଠନଙ୍କ ସମର୍ଥନ ପାଇଁ ନାଗରିକ କମିଟି ଆହ୍ୱାନ ଦେଇଛି । ଆସନ୍ତା ଦିନରେ ବ୍ୟାପକ ଜନମତ ସୃଷ୍ଟି କରିବା ପାଇଁ ବିଭିନ୍ନ ସଙ୍ଗଠନଙ୍କ ସହ ମିଳିତ ଭାବରେ କାମ କରିବ ବୋଲି ନାଗରିକ କମିଟି ସ୍ଥିର କରିଛି । ଏହା ସହିତ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ନାଗରିକ କମିଟି ଦାବି କରିବା ସାଙ୍ଗକୁ ଝାରସୁଗୁଡ଼ା ଠାରୁ ଅମ୍ବିକାପୁର ଭାୟା ସୁନ୍ଦରଗଡ଼ ରେଳ ଲାଇନ ନିର୍ମାଣ ପାଇଁ ଦାବି କରିଛି । ଡିଏମଏଫ୍ ପାଣ୍ଠିରେ ନିର୍ମିତ ବିଜୁଳିବନ୍ଧର ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ ଦୃଢ଼ ଦାବି ହୋଇଛି । ଏହି ବୈଠକରେ ଜିଲ୍ଲା କଂଗ୍ରେସ ସଭାପତି ବେଣୁମାଧବ ତ୍ରିପାଠୀ, ପୂର୍ବତନ ଓକିଲ ସଂଘର ସଭାପତି କମଲ ସେନ, ନାଗରିକ କମିଟିର କାର୍ଯ୍ୟକାରୀ ସଭାପତି ସିଦ୍ଧାନ୍ତ କୁମାର ପଣ୍ଡା, ବିରଞ୍ଚିନାରାୟଣ ତ୍ରିପାଠୀ, ଉପସଭାପତି ହରଯେନ୍ଦ୍ର ସିଂ, ପ୍ରଦୀପ ସିଂ, ଗୋପ ମହାନ୍ତି, ଟୁନା ସାହୁ, ଅଜିତ ପ୍ରସାଦ, ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ, ପୂର୍ବତନ ଉପନଗରପାଳ ସୁମନ୍ତ କୁମାର ପଣ୍ଡା, ପଞ୍ଚା ବାର୍ଲା, ସହ ସମ୍ପାଦକ ଅମିତାଭ ଯୋଶୀ, ସୁମନ୍ତ ସାହୁ, ପ୍ରଣବ ସିଂ, ବିଶ୍ୱରଞ୍ଜନ ହୋତା, ସୁନିଲ ମହାପାତ୍ର, ନେପାଳ ସାହୁ, ସୁମନ୍ତ ପଟେଲ, ଦେବାଶିଷ ଦାସ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । କମିଟିର ସମ୍ପାଦକ ଧର୍ମେଶ କୁମାର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ ।

## ସମ୍ବଲପୁରରେ ଶ୍ରାବଣୀ ରୁଦ୍ରାଭିଷେକ ଏବଂ ସତସଙ୍ଗ

ସମ୍ବଲପୁର : ସ୍ଥାନୀୟ ଝାଡୁଆପଡ଼ାର ସମନ୍ୱୟ କୁଟୀରରେ ବିଶ୍ୱାତ୍ମ ଚେତନା ପରିଷଦ ଶ୍ରାବଣ ମାସ ଅବସରରେ ସ୍ୱତନ୍ତ୍ର ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା । ଏହାଛଡ଼ା ପରିଷଦର ପ୍ରତିଷ୍ଠାତା ପରମହଂସ ସ୍ୱାମୀ ଶ୍ରୀ ସତ୍ୟପ୍ରଜ୍ଞା ନନ୍ଦ ସରସ୍ୱତୀ ଶିବତତ୍ତ୍ୱ ଉପରେ ପ୍ରବଚନ ଦେଇଥିଲେ । ସ୍ୱାମୀ ସତ୍ୟବେଦାନନ୍ଦ ସରସ୍ୱତୀ, ସ୍ୱାମୀ ସତ୍ୟଧର୍ମାନନ୍ଦ ସରସ୍ୱତୀ ଓ ପଣ୍ଡିତ ଦୀପକ ପୂଜାରୀ ପୂଜାର୍ଚ୍ଚନା କରିଥିଲେ । ବଡ଼ବଜାରର ଲଳିତ ଶର୍ମା ଏବଂ ତାଙ୍କର ଧର୍ମପତ୍ନୀ ବିନ୍ଦୁ କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ ।

## କ୍ରୀଡ଼ା ପ୍ରୋତ୍ସାହନ ପାଇଁ କୃତଜ୍ଞତା

ସମ୍ବଲପୁର : ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ଦ୍ୱାରା କ୍ରିକେଟ, ଫୁଟବଲ ଓ ହକି ଖେଳକୁ ପ୍ରୋତ୍ସାହନ ଦେବା ସହିତ ବିହିତ ପଦକ୍ଷେପ ନେବାରେ ତତ୍ପରତା ଦେଖାଇ ଥିବାରୁ ଶିକ୍ଷାବିତ ତଥା କ୍ରୀଡ଼ା ଲେଖକ ଓ ସଂଗଠକ ଶ୍ରୀକୃଷ୍ଣ ପ୍ରସାଦ ପ୍ରଧାନ ଧନ୍ୟବାଦ ଓ କୃତଜ୍ଞତା ଜଣାଇବା ସହିତ କ୍ରୀଡ଼ାର ସର୍ବାଙ୍ଗୀନ ଉନ୍ନତି ଓ ପ୍ରସାର ପାଇଁ ଆଶା ପ୍ରକାଶ କରିଛନ୍ତି ।

## ‘ବିଶ୍ୱ ଦେଖ ମଧୁମୟରେ ଜୀବନ’

**ବିନୟ ରଂଜନ ପ୍ରଧାନ**



ହେ ପ୍ରକୃତି କବି ଗଙ୍ଗାଧର !
ତୁମେ ମହାନ
ତୁମର ବାଗ୍ମି ସାଧନା ମହାନ୍
ତେଣୁ ତ ତୁମେ ବର ପୁତ୍ର
ଗଙ୍ଗାଧର ।
ପ୍ରକୃତି କୋଳରେ ସୃଷ୍ଟିର ସ୍ରଷ୍ଟାଙ୍କ
ଦାନରେ ତୁମ ଜନ୍ମ ମାଟି ବରପାଲି ଗ୍ରାମରେ
ହେ ସ୍ୱଭାବ କବି ଗଙ୍ଗାଧର !
ଧନ୍ୟ ତୁମ ଲେଖନୀ ଚାଳନା
ତୁମ ଲେଖନୀରୁ ଝରିପଡ଼େ
ପ୍ରକୃତିର ସୁଧାମୟ ଝର ।
ପ୍ରକୃତି ବକ୍ଷରେ ତରୁଠାରୁ ମହା ଦ୍ରୁମ
ଝର ଠାରୁ ସାଗର
ଛପନ କୋଟି ଆତ୍ମାର ସଙ୍ଗମ
କବିଙ୍କ କନ୍ୟା ହୁଏ ରସାଣିତ ।
ଲେଖନୀରୁ ଝରିପଡ଼େ ‘ତପସ୍ୱିନୀ’ ପ୍ରଣୟ ବଲ୍ଲରୀ,
ରାଜ ଧର୍ମ କିଚକବଧ ... ଆହୁରି ଅନେକ ।
ସେଥିପାଇଁ ତ ଆମ ସାହିତ୍ୟ ସମୃଦ୍ଧ
ହେ ପ୍ରକୃତି କବି ମେହେର ପୁଅ !
ଧନ୍ୟ ତୁମ ଜ୍ଞାନ ଗାରିମା, ସ୍ୱର୍ଣ୍ଣାକ୍ଷରେ ଲିପିବଦ୍ଧ
କରିଗଲ ଚିର କାଳକୁ
ତେଣୁ ଶତ କୋଟି ନମସ୍ୟ ତବ ଚରଣକୁ ।

**ବରିଷ୍ଠ ସାମ୍ବାଦିକ, ସୋନପୁର**

# ଭାଗବତ

## ଉଦ୍ଧବାଗମନ ପ୍ରସଙ୍ଗ

ଉଦ୍ଧବ ଭାବିଲେ- 'ଶ୍ରୀକୃଷ୍ଣଙ୍କୁ ତାଙ୍କ ଦୁଃଖର କାରଣ ପଚାରି ବୁଝିବା ଠିକ୍ ହେବ । ସେ ଉଦ୍ୟାନକୁ ଆସିଲେ । ସେତେବେଳେ ଶ୍ରୀକୃଷ୍ଣ ଗୋକୁଳ କଥା ମନେପକାଇ କାନ୍ଦୁଥିଲେ । ଉଦ୍ଧବ ତାଙ୍କ ଆଡ଼କୁ ଆସୁଥିବା ଦେଖି ସେ ନିଜର ଦୁଃଖର ଆବେଗକୁ ସୁପ୍ତକରି ଉଦ୍ଧବଙ୍କୁ ପାଛୋଟି ଆଣିଲେ । ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ଯଥାରୀତି ସମ୍ମାନ ଦେଇ ବସିଗଲେ ।ଉଦ୍ଧବ ଶ୍ରୀକୃଷ୍ଣଙ୍କୁ ପଚାରିଲେ- ପ୍ରଭୁ ! ଆଜି ଗୋଟିଏ ବିଶେଷ ପ୍ରଶ୍ନ ନେଇ ଆପଣଙ୍କ ପାଖକୁ ଆସିଛି । ଶ୍ରୀକୃଷ୍ଣ କହିଲେ- 'ଉଦ୍ଧବ ! ତୁମେ ମୋର ଅନ୍ତରଙ୍ଗ ମିତ୍ର, ସୁହୃତ୍ । ତେଣୁ ତୁମର ଯାହା ଇଚ୍ଛା ତାହା ପଚାରିପାର । ଉଦ୍ଧବ କହିଲେ- 'ମୁଁ ଓ ଅନ୍ୟ ସମସ୍ତ ସେବକ, ଆପଣଙ୍କର ଯଥାଯୋଗ୍ୟ ସେବାରେ ତତ୍ପର ଅଛୁ । ତେବେ ବି ଆପଣ ପ୍ରସନ୍ନ ନ ଥିବା ଜାଣି ପାରୁଛୁ । ଭୋଜନ କରିବା ବେଳେ ମଧ ଆପଣ ଭାବପ୍ରବଣ ହୋଇ ଯାଉଥିବା ଲକ୍ଷ୍ୟ କରିଛୁ । କାଲି ଆପଣ ଶୋଇଥିଲେ, ଆଉ ମୁଁ ଆପଣଙ୍କ ଚରଣସେବା କରୁଥିଲି । ସେତେବେଳେ ଆପଣ ସ୍ୱପ୍ନାବସ୍ଥାରେ 'ରାଧେ ରାଧେ' ବୋଲି ଡାକୁଥିଲେ । ସେହି ରାଧା କିଏ ? ସେ ଆପଣଙ୍କ ହୃଦୟ ସିଂହାସନରେ ଆସନ ଜମାଇ ବସିଲା କିପରି ? ଆପଣଙ୍କ ଦୁଃଖ ମୁଁ ଆଉ ସହ୍ୟ କରିପାରୁ ନାହିଁ । ଶ୍ରୀକୃଷ୍ଣ କହିଲେ- 'ଉଦ୍ଧବ ! ସମଗ୍ର ମଥୁରାରେ ତୁମେ ହିଁ ଜଣେମାତ୍ର ଲୋକ ଯେ କି ଆଜି ମୋର ଅନ୍ତରର ବ୍ୟଥା କଥା ଜାଣିବା ପାଇଁ ଇଚ୍ଛା କରିଛ । ତୁମକୁ ମୁଁ କ'ଣ ଆଉ କହିବି ? ମୋର ପ୍ରକୃତ ମାତା ପିତା ତ ଦେବକୀ ବସୁଦେବ, ହେଲେ ଗୋକୁଳରେ ରହୁଥିବା ନନ୍ଦ ଯଶୋଦା ବି ମୋର ତ ପିତା ମାତା । ମୋ ମା' ମୋତେ ଅତି ଅଲିଅଳ କରି ସତରେ କେତେ ଗେହ୍ଲାକରି ନାହାନ୍ତି । ସବୁବେଳେ ମୋର ଗୋକୁଳ କଥା, ଗୋକୁଳର ମିତ୍ରମାନଙ୍କ କଥା, ସଖୀମାନଙ୍କ କଥା, ଧେନୁମାନଙ୍କ କଥା ମନେ ପଡୁଛି । ଗୋପାଳ ବାଳକମାନେ ନିଜ ନିଜ ଘରୁ ମୋ ପାଇଁ ନାନାବିଧ ଖାଦ୍ୟ ସାମଗ୍ରୀ ଆଣି ପ୍ରତିଦିନ ଖୋଉଥିଲେ । କଅଁଳିଆ କଅଁଳିଆ ପତ୍ର ପକାଇ ମୋତେ ତା ଉପରେ ଶୁଆଉ ଥିଲେ । ମୋର ଗାଈ ବାଛୁରିଙ୍କୁ ସେମାନେ ଜଗୁଥିଲେ । ମୁଁ ମୋର ସେହି ମାତା ପିତା, ସଖା-ସଖୀ, ଗାଈ ବାଛୁରିଙ୍କୁ



ଭୁଲିବି କିପରି ? କାଳୀୟ ନାଗ ଉଦ୍ଦେଶ୍ୟରେ ମୁଁ ଯେତେବେଳେ ଯମୁନା ଗଣ୍ଡକୁ ଡେଇଁ ପଡିଥିଲି ସେତେବେଳେ ଗୋକୁଳର ସମସ୍ତ ଗାଈ କାନ୍ଦି ପକାଇଥିଲେ । ମୁଁ ପାଣିରୁ ବାହାରି ଆସିବା ଦେଖି ସେମାନେ ଆନନ୍ଦରେ ଖୁବ୍ ଡିଆଁ କୁଦା କରିଥିଲେ । ଉଦ୍ଧବ ! ଏବେ ବି ମୋର ସେହି ଦୃଶ୍ୟ ଆଖି ଆଗରେ ନାଚି ଯାଉଛି ।

ଉଦ୍ଧବ ! ବୃନ୍ଦାବନର ପ୍ରେମଭୂମି ଛାଡ଼ିବା ବେଳେ ମୋତେ ବହୁତ ଦୁଃଖ ହୋଇଥିଲା । ଏଠାରେ ମୋତେ ମଥୁରାଧିପତି କରିଦିଆ ହୋଇଛି, ସମସ୍ତ ମୋତେ ପୂଜା କରୁଛନ୍ତି, ସେବା ପାଇଁ ସମସ୍ତେ ତତ୍ପର ଅଛନ୍ତି, ହେଲେ ଏଠାରେ ମୋତେ ଜଣେ ବୋଲି କେହି ପ୍ରେମ କରିବା ଲୋକଙ୍କୁ ମୁଁ ଦେଖିପାରୁ ନାହିଁ । ମୋ ମା' ଆଉ ସଖୀଙ୍କ ଭଳି ପ୍ରେମ କରିବା ଲୋକ ଏଠାରେ ଜଣେ ବୋଲି କେହି ନାହାନ୍ତି । ମୁଁ ମାନ ସମ୍ମାନ କି ଐଶ୍ୱର୍ଯ୍ୟ ଚାହେନା ମୁଁ କେବଳ ପ୍ରେମ ଚାହେଁ । ଜୀବ ଅପାତ୍ର, ତେବେ ବି ପ୍ରଭୁ ତାକୁ ଧନ, ପ୍ରତିଷ୍ଠା ଆଉ ପ୍ରେମ ପ୍ରଦାନ କରନ୍ତି । ଜୀବ ଦୁଷ୍ଟ, ହେଲେ ପ୍ରଭୁ ଦୟାଳୁ । ଆମର ପାପ ତୁଳନାରେ ଭଗବାନ ଆମକୁ ଖୁବ୍ କମ୍ ଦଣ୍ଡ ହିଁ ଦେଉଛନ୍ତି । ମଣିଷ ଆଖି ଆଉ ମନରେ ଏତେ ପାପ କରୁଛି ଯେ ଯଦି ପ୍ରତ୍ୟେକ ପାପ ନିମନ୍ତେ ଭଗବାନ ଦଣ୍ଡ ବିଧାନ କରନ୍ତି ତେବେ ଟୋପାଏ ପାଣି ବି ଆମକୁ ପିଇବା ପାଇଁ ମିଳନ୍ତା ନାହିଁ । ତେବେ ବି ଦୁଃଖ ପରିତାପ ଓ ଆଶ୍ଚର୍ଯ୍ୟର କଥା ଯେ ମଣିଷ ଦିନକୁ ଦିନ ଅଧିକରୁ ଅଧିକ ନାସ୍ତିକ ହେବାରେ ଲାଗିଛି । 'ହେ ଉଦ୍ଧବ ! ଯଶୋଦା ମୋତେ ଯେପରି ପ୍ରେମ ପ୍ରଦାନ କରିଛନ୍ତି ମଥୁରାରେ ତା' ମୋ ପାଇଁ ଦୁର୍ଲଭ ହୋଇ ଯାଇଛି । ମୁଁ ଯେ ପର୍ଯ୍ୟନ୍ତ ଖାଇ ନ ଥାଏ, ସେ ବି ଉପବାସ ରହିଥାନ୍ତି । ଏଠାରେ ଖାଇବା ଜିନିଷର ଅଭାବ ନାହିଁ, ହେଲେ ଯଶୋଦା ଯେତେ ପ୍ରେମରେ ମୋତେ ଖୁଆଉ ଥିଲେ ସେପରି ପ୍ରେମରେ ମୋତେ କେହି କିଛି ବୋଲି କିଛି ଖୋଉ ନାହାନ୍ତି । ଏଠି ମୋର ଭୋକ ବି ମରିଗଲାଣି । ସେଠାରେ ମୋତେ ହଜାର ଥର ଖୋସାମତ କଲେ ମୁଁ ଥରେ ଖାଉଥିଲି । ଏଠି ମୋତେ ସେମିତି ଗେଲବସର କେହି ବି କରୁନାହାନ୍ତି । ମୁଁ ଭୋଗ ଚାହେ ନାହିଁ, ମୁଁ ପ୍ରେମର ଭୋକିଲା । ଗୋକୁଳରେ ଯେଉଁ ଆନନ୍ଦ ଥିଲା ଏଠାରେ ତାହା ନାହିଁ । ସେଠାରେ ସଖା, ସଖୀ, ଗାଈ ସମସ୍ତେ ମୋତେ ମନେ ପକାଇ କାନ୍ଦୁଥିବେ । ମୁଁ ଗୋକୁଳକୁ ଭୁଲିପାରୁ ନାହିଁ ।

# ନବଧା ଭକ୍ତିରେ ନିହିତ ଅଛି ସମସ୍ତ ସାଧନାର ସାର

ଗୋସ୍ୱାମୀ ତୁଳସୀ ଦାସ ଶ୍ରୀରାମଚରିତ ମାନସର ଭକ୍ତିଯୋଗ ବିଷୟରେ ରାମଚନ୍ଦ୍ର ଏବଂ ଭକ୍ତ ଶବରୀ ସମ୍ବାଦ ମାଧମରେ ଯାହା ପ୍ରତିପାଦନ କରିଛନ୍ତି, ତାହା ଏକ ଅପୂର୍ବ ଚରିତ । ଯେଉଁ ଶବରୀ ଜଙ୍ଗଲି ଶବର ଜାତିର ମୁଖିଆର କନ୍ୟା ଥିଲା, ନବଧା ଭକ୍ତିର ବ୍ୟାଖ୍ୟା ନିମନ୍ତେ ଭଗବାନ ତାକୁ ପାତ୍ର ରୂପେ ମନୋନୀତ କଲେ । ଆଜିର ବିଷମ ପରିସ୍ଥିତିପୂର୍ଣ ଯୁଗରେ ଏହା ଆଶ୍ଚର୍ଯ୍ୟ ଚକିତ ହେବା ପରି କଥା । ପ୍ରଭୁଙ୍କୁ ପାଇବା ପାଇଁ ଆକୁଳତା, ବ୍ୟାକୁଳତା ଆସିଲେ, ଲିଙ୍ଗଭେଦ, ଜାତିଭେଦ, ଉଚ୍ଚ , ନୀଚର ଭେଦଭାବ କିଛି ରହେ ନାହି ।

ନବଧା ଭକ୍ତିର ବର୍ଣ୍ଣନା କରିବା ପୂର୍ବରୁ ଭଗବାନ ଶବରୀକୁ କହୁଛନ୍ତି, ଜଣେ ବ୍ୟକ୍ତି ଜାତି - ବଂଶ, କୁଳ- ଧର୍ମ, ବଡିମା, ଧନ , ବଳ, କୁଟୁମ୍ବ, ଗୁଣ, ବୁଦ୍ଧି, ସବୁ ଦୃଷ୍ଟିରୁ ଶ୍ରେଷ୍ଠ ହୋଇଥିଲେ ମଧ ଭକ୍ତିଭାବ ନ ଥିଲେ ଜଳହୀନ ବାଦଲ ସଦୃଶ ଅଶୋଭନ ଦେଖାଯାଏ । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଏହାକୁ ଏତେ ମହତ୍ତ୍ୱ ଦେଉଛନ୍ତି ।

ଭକ୍ତିର ଶ୍ରେଷ୍ଠତା ହେଉଛି ଏହି ଯେ ଏଥିରେ ଭଗବାନଙ୍କ ଦ୍ୱାରା ଭକ୍ତର ଅନ୍ୱେଷଣ କରା ଯାଇଥାଏ । ଗଙ୍ଗା ସାଗର ଆଡକୁ ଗଲେ କର୍ମଯୋଗ ଓ ଜ୍ଞାନ, କିନ୍ତୁ ସାଗର ଗଙ୍ଗା ଆଡକୁ ଦୌଡି ଆସିଲେ ଭକ୍ତି । ଭକ୍ତି ହେଉଛି ଛୋଟ ପିଲା ଡାକିଲେ କି କାନ୍ଦିଲେ ମା ' ଦୌଡି ଆସିବା ପରି । ଭକ୍ତି ତ ବାସ୍ ଭକ୍ତର ରୋଦନ ମାତ୍ର । ଭକ୍ତ ହୃଦୟରେ ଉଠୁଥିବା ଶୋକ ମାତ୍ର । ଭକ୍ତି ଜୀବନର ସମସ୍ତ ସାଧନା, ସମସ୍ତ ପ୍ରୟାସ ପ୍ରଯତ୍ନର ବ୍ୟର୍ଥତାକୁ ସ୍ୱୀକାର କରିଥାଏ । ଭକ୍ତି ତ କେବଳ ଭକ୍ତର ଅଶ୍ରୁଜଳ, ଯାହା ସେ ନିଜର ଭଗବାନକୁ ଡାକି ଡାକି ବୁହାଇଥାଏ ।

କର୍ମଯୋଗ କହିଥାଏ - ତୁମେ ଭୂଲ୍ କରୁଛ, ଠିକ୍ କରିବାକୁ ଲାଗିଲେ ପହଞ୍ଚିଯିବ ।

ଜ୍ଞାନଯୋଗ କହିଥାଏ - ତୁମେ ଭୁଲ୍ ଜାଣିଛ, ଠିକ୍ ଜାଣିଗଲେ ପହଞ୍ଚିଯିବ । ଯୋଗ ଶାସ୍ତ୍ର କହିଥାଏ, ତୁମକୁ ବିଧି ଜ୍ଞାନ ଜଣା ନାହିଁ, ରାସ୍ତା ମାଲୁମ୍ ନାହିଁ, ବିଧି ଶିଖିଯାଅ, ତାର ଅଭ୍ୟାସ କର, ତାପରେ ପହଞ୍ଚିଯିବ ।

ଭକ୍ତି କହିଥାଏ - ତୁମେ ହିଁ ଭୁଲ୍ । ନା ଜ୍ଞାନ ଦ୍ୱାରା ପହଞ୍ଚିବ, ନା କର୍ମ ଓ ଯୋଗ ଦ୍ୱାରା । ବାସ୍ ତୁମେ ଅହଂରୁ ମୁକ୍ତ ହୋଇ ନିଜ ଭଗବାନଙ୍କର ହୋଇ ଯାଅ । ଯେତେ ବେଳେ ତୁମର ପରିଚୟ ରହିବ ନାହିଁ, କେବଳ ତୁମର ପ୍ରଭୁ ହିଁ ତୁମର ପରିଚୟ ହୋଇଯିବେ ସେତେବେଳେ ତୁମେ ପହଞ୍ଚିଯିବ ।

ଛୋଟ ଶିଶୁଟି ଭଲା ତା ମା' କୁ ଖୋଜିବ କିପରି ? ସେ ତ କାନ୍ଦିବ, ମା' ନିଜେ ହିଁ ତାକୁ ଖୋଜିବ । ଭକ୍ତ କେବଳ କାନ୍ଦି କାନ୍ଦି ତା'ର ଭଗବାନଙ୍କୁ ଡାକିବ ଏବଂ ଭଗବାନ ସ୍ୱୟଂ ଖୋଜି ଠାବ କରିବେ । ଇଏ ତ ଭକ୍ତି ।

ବିଶ୍ୱାମିତ୍ର କହିଲେ - ଶବରୀ ଏହିପରି ଭକ୍ତ ଥିଲା । ଥରେ ମହର୍ଷି ମତଙ୍ଗ ଆଶ୍ରମକୁ ଆସିଥିବା ବେଳେ ମୁଁ ସେହି ବାଳିକାକୁ ଦେଖିଥିଲି । ପରେ ଦୀର୍ଘ ଦିନ ପରେ ଯୁଗାବତାର ମର୍ଯ୍ୟାଦା ପୁରୁଷୋତ୍ତମ ରାମ ନିଜର ପ୍ରିୟ ଭ୍ରାତା ଲକ୍ଷ୍ମଣ ସହିତ ତାକୁ ଭେଟିବାକୁ ଯାଇଥିଲେ । ଅଯୋଧ୍ୟା ଫେରିବା ପରେ ବସ୍ସ ଲକ୍ଷ୍ମଣ ମୋତେ ଏହି ମିଳନ କଥା ଶୁଣାଇ ଥିଲେ । ବ୍ରହ୍ମର୍ଷିଙ୍କର କଥା ଶୁଣି ସମଗ୍ର ସଭା ସମବେତ ସ୍ୱରରେ କହି ଉଠିଲା -



ଯେତେ ବେଳେ ମୁଁ ମହର୍ଷି ମତଙ୍ଗଙ୍କ ଆଶ୍ରମରେ ପହଞ୍ଚିଲି, ସେହି ଶବର କନ୍ୟା ମୋତେ ପ୍ରଣାମ କରିବାକୁ ଆସିଥିଲା । ସେ କେତେ ସାଦା-ସିଧା, ସରଳ, ନିଷ୍କଳ ଓ ନିର୍ଦୋଷ ଥିଲା, ଏହା ତାକୁ ଭେଟିଲେ ହିଁ ଜାଣି ହେବ । ଭକ୍ତିର ସାକାର ବିଗ୍ରହ ଥିଲା ସେ ।

ମହର୍ଷି ମତଙ୍ଗ ମୋତେ ତା ବିଷୟରେ କହିଲେ - ଇଏ ଜଣେ ବନବାସୀ ଶବରର କନ୍ୟା । ତା'ର ପିତା ହେଉଛି ନିଜ ଗାଁର ମୁଖିଆ । ଏହି କନ୍ୟା ପିଲାଟି ଦିନରୁ ହିଁ ସରଳ ସାତ୍ତ୍ୱିକ ଥିଲା । ବନବାସୀଙ୍କ ପ୍ରଥା ଅନୁଯାୟୀ ତା'ର ବିବାହ ଶୀଘ୍ର ଠିକ୍ ହୋଇ ଯିବାର ଥିଲା । ପ୍ରଥା ଅନୁଯାୟୀ ତା ବିବାହରେ ଅନେକ ପଶୁଙ୍କୁ ବଳି ଦିଆଯିବାର ଥିଲା । ଅନେକ ପଶୁଙ୍କୁ ମାରି ସେମାନଙ୍କ ମାଂସରେ ଭୋଜ୍ୟ ପଦାର୍ଥ ପ୍ରସ୍ତୁତ ହେବାର ଥିଲା । ମୋ ଯୋଗୁଁ ଏତେ ଗୁଡିଏ ପଶୁ ମରିଯିବେ, ଏକଥା ଭାବି ଏହି ଶବର କନ୍ୟା ଘରୁ ଖସି ପଳାଇ ଆସିଲା ଏବଂ ମୋ ଆଶ୍ରମ ନିକଟରେ ରହିବାକୁ ଲାଗିଲା । ଏଠାରେ ରହି ସେ ପ୍ରତିଦିନ ଆଶ୍ରମ ଠାରୁ ସରୋବର ପର୍ଯ୍ୟନ୍ତ ମାର୍ଗ ପରିଷ୍କାର କରେ । ଚୁପଚାପ ଆଶ୍ରମକୁ ଆସି ସମିଧ ରଖି ଦେଇ ଯାଏ । ଦିନେ ପ୍ରାତଃ ବ୍ରାହ୍ମ ମୁହୂର୍ତ୍ତରେ ମୁଁ ତାକୁ ମାର୍ଗ ପରିଷ୍କାର କରୁଥିବାର ଦେଖିଲି । ମୁଁ ଡାକିବାରୁ ସେ ଭୟରେ ମୋ ନିକଟରେ ଆସି ଠିଆ ହେଲା ଏବଂ ବହୁତ ଆଗ୍ରହ କରିବାରୁ ମୋତେ ତା କଥା ସବୁ କହିଲା । ତା କଥା ଶୁଣି ମୁଁ ତାକୁ ମୋ ଆଶ୍ରମକୁ ଘେନି ଆସିଲି । ବର୍ତ୍ତମାନ ସେ ମୋର ପୁତ୍ରୀ ଓ ଶିଷ୍ୟା ମଧ । ତା ପର କଥା ବସ୍ସ ଲକ୍ଷ୍ମଣ ଶୁଣାଇଥିଲେ । ଇତି ମଧରେ ଅନେକ ଘଟଣା ଘଟି ସାରିଥିଲା । ମହର୍ଷି ମତଙ୍ଗ ଶରୀର ଛାଡି ଦେଇଥିଲେ ।

ଶରୀର ତ୍ୟାଗ ସମୟରେ ସେ ଶବରୀକୁ କହିଥିଲେ କି ତୁମେ ଏଇଠି ହିଁ ରହି ଭଗବାନଙ୍କୁ ଡାକିବ, ସେ ସ୍ୱୟଂ ତୁମ ପାଖକୁ ଚାଲି ଆସିବେ । ମହର୍ଷି ମତଙ୍ଗଙ୍କ ପରେ, ସେଠାକାର ଅନ୍ତେବାସୀ ତାକୁ ବହୁତ କଷ୍ଟ ଦେଲେ । ସେଥିମଧରୁ ଅନେକ ନିଜକୁ ଜ୍ଞାନୀ, ଯୋଗୀ ଓ କର୍ମକୁଶଳ ବୋଲାଉ ଥିଲେ । କିନ୍ତୁ ଶବରୀ ଅବିଚଳ ଭାବରେ ନିଜ ରାମକୁ ଡାକି ଚାଲିଲା । ସେ ନିୟମିତ ତାଙ୍କ ପାଇଁ ରାସ୍ତା ସଫା କରୁଥିଲା, ମିଠା ମିଠା ଫଳ ଆଣି ଦେଉଥିଲା । ତା'ର ଡାକ ଗଭୀର ହୋଇ ଚାଲିଲା । ଆଉ ଦିନେ ବସ୍ସ ରାମ ରୂପରେ ଭଗବାନ ସାକାର ରୂପ ଧାରଣ କରି ନିଜର ଏହି ପ୍ରିୟ ଭକ୍ତକୁ ଅନ୍ୱେଷଣ କଲେ । ଶବରୀର ଡାକ, ତା'ର ଅଶ୍ରୁ, ତା'ର ରୋଦନ ତାରି ସାଧନା ପାଲଟି ଗଲା ।

ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ, ମୋର ବସ୍ସ ରାମ, ବସ୍ସ ଲକ୍ଷ୍ମଣ ସହିତ ପହଞ୍ଚି ଗଲେ ନିଜର ଏହି ପ୍ରୀୟ ଭକ୍ତ ନିକଟରେ । ବସ୍ସ ଲକ୍ଷ୍ମଣ ମଧ ମୋତେ କହିଲେ ଯେ ଭ୍ରାତା ରାମ ଶବରୀ ପାଖକୁ ଯିବା ସମୟରେ କେତେ ଭାବ ବିହ୍ୱଳ ଥିଲେ, ତାହା ଶବ୍ଦ ମାଧମରେ ପ୍ରକାଶ କରି ହେବ ନାହିଁ । ସେ ବିକଳ ଓ ବ୍ୟାକୁଳ ଥିଲେ ଶବରୀକୁ ଦେଖିବା ପାଇଁ । ସେ ଶବରୀର ଆଶ୍ରମକୁ ଯାଇ ତା 'ର ଅଇଁଠା କୋଳି ଖାଇଲେ । ନିଜକୁ ଜ୍ଞାନୀ, ଯୋଗୀ ଏବଂ କର୍ମପରାୟଣ ବୋଲାଉଥିବା ବ୍ୟକ୍ତିଙ୍କ ଆଡକୁ ସେ ଜମା ଚାହିଁଲେ ନାହିଁ, ଯେତେବେଳେ କି ଶବରୀ ତାଙ୍କର ସମ୍ମୁଖରେ ହିଁ ସମାଧି ଲୀନ ହୋଇଗଲା । ତା 'ର ଅନ୍ତିମ ସଂସ୍କାର ମଧ ସ୍ୱୟଂ ଶ୍ରୀରାମ କରାଇଲେ । ଶ୍ରୀରାମ ଅନେକ ଥର ନିଜ ମୁଖରେ ତା'ର ମହିମା ଗାନ କଲେ ଏବଂ ପ୍ରମାଣିତ କରିଦେଲେ ଯେ, ଭକ୍ତି, ଜ୍ଞାନ ଠାରୁ, କର୍ମ ଯୋଗଠାରୁ ଏବଂ ଯୋଗସିଦ୍ଧିଠାରୁ ଶ୍ରେଷ୍ଠତର ।

# ସଂକଳ୍ପ ଜାଗ୍ରତ ହେବା କ୍ଷଣି ମୁକ୍ତି ମିଳିବ

ଜୀବାତ୍ମା ମନର ଆଶ୍ରୟ ନେଇ ହିଁ ଶ୍ରୋତ୍ର ଓ ନେତ୍ର ତଥା ତ୍ୱଚା, ରସନା ଏବଂ ପ୍ରାଣ ଏହି ପାଞ୍ଚ ଇନ୍ଦ୍ରିୟଙ୍କ ଦ୍ୱାରା ବିଷୟଗୁଡିକର ସେବନ କରିଥାଏ । ଗୋଟିଏ ଶରୀରରୁ ଅନ୍ୟ ଗୋଟିଏ ଶରୀରକୁ ଯାତ୍ରାରେ ବାହାରିବା ପରେ ଯଦି କାମନାର ଡୋରକୁ ଛିଣ୍ଡା ନ ଯାଏ, ତେବେ ସେହି ଜୀବାତ୍ମା, ସେହି ନୂତନ ଶରୀରରେ ପୁନଶ୍ଚ ମନର ଆଶ୍ରୟ ନେଇ ପାଞ୍ଚଟି ଇନ୍ଦ୍ରିୟର ସହାୟତା ଦ୍ୱାରା ପୁନର୍ବାର ନୂତନ ବିଷୟଗୁଡିକର ସେବନ କରିବାର ପ୍ରୟାସରେ ଲାଗିପଡ଼େ । ବିଷୟ ଶବ୍ଦର ଉତ୍ପତ୍ତି 'ବିଷ'ରୁ ହୋଇଥାଏ । ବିଷ ଖାଇବା ଦ୍ୱାରା ବ୍ୟକ୍ତି ଥରେ ମରିଥାଏ, ପରନ୍ତୁ ବିଷୟ ଭୋଗ ଲାଳସାରେ ବାରମ୍ବାର ମରେ ଏବଂ ପ୍ରତ୍ୟେକ ଥର ଅତୃପ୍ତ ରହେ । ନୂତନ ଶରୀରରେ ପୁନର୍ବାର ବାସନାର ନୂତନ ଦୌଡ଼ ଆରମ୍ଭ ହୋଇଯାଏ ।

ଯେପରି କୌଣସି ଦୋକାନୀ ଗୋଟିଏ ସ୍ଥାନରେ ଦୋକାନ ଖୋଲିଥାଏ ଏବଂ ପୁଲିସବାଲା ଆସି ସେଠାରୁ ହଟିବାର ଆଦେଶ ଦିଅନ୍ତି ତ ସେ ପୁଣି ଦ୍ୱିତୀୟ ସ୍ଥାନରେ ଯାଇ ଦୋକାନ ଲଗାଇବାର ପ୍ରୟାସ କରେ, ପୁଣି ଜିନିଷପତ୍ର ସଜାଇ, ଗ୍ରାହକମାନଙ୍କୁ ଆକର୍ଷଣ କରିବାର ପ୍ରୟାସ କରେ । ଠିକ୍ ସେହିପରି ଜୀବାତ୍ମା ମଧ ଗୋଟିଏ ଶରୀରରୁ ବାହାରି ଯିବା ପରେ, ନୂତନ ଶରୀର ପ୍ରାପ୍ତ ହେବା ପରେ ପୁନଶ୍ଚ ମନର ସାହାଯ୍ୟ ନେଇ, ଇନ୍ଦ୍ରିୟମାନଙ୍କ ମାଧମରେ ବିଷୟଗୁଡିକୁ ସେବନ କରିବାର ଯାତ୍ରାରେ ବାହାରି ପଡ଼େ । ଏହି ନୂତନ ଦୌଡ଼ରେ ଆମେ ଭୁଲିଯାଉ ଯେ ଅତୀତ ଜନ୍ମରେ ଆମକୁ କେତେ କଷ୍ଟ କ୍ଳେଶର ସାମନା କରିବାକୁ ପଡିଥିଲା ଏବଂ ନୂଆ ଜନ୍ମରେ, ନୂତନ ଶରୀରରେ ସେହି ଭୁଲ ତ୍ରୁଟିକୁ ପୁନର୍ବାର ଆମେ ଦୋହରାଇ ଥାଉ, ଯାହାକି ପୂର୍ବରୁ ମଧ କେତେ ଥର ଦୋହରା ଯାଇଥିଲା । ଏହି ପ୍ରକାର ଜୀବାତ୍ମା, ଥରେ ନୁହେଁ ଅନେକ ଜନ୍ମରେ ଏହି କ୍ରମର ବାରମ୍ବାର ପୁନରାବୃତ୍ତି କରିଥାଏ ଏବଂ ବିଭିନ୍ନ ପ୍ରକାର ଯୋନିରେ ଭ୍ରମିତ ହୋଇଥାଏ ।

ଏସବୁ ପଛରେ ଗୋଟିଏ କାରଣ ହିଁ ରହିଥାଏ ଯେ ଜୀବାତ୍ମା, ଅନ୍ତଃକରଣ ଚତୁଷ୍ଟୟ ଯଥା ମନ, ବୁଦ୍ଧି, ଚିତ୍ତ ଓ ଅହଂକାର ସହିତ ସମ୍ବନ୍ଧ ଯୋଡ଼ିଥାଏ । ଯିଏ ନିଜର କେବେ ନ ଥିଲା, ତାହାକୁ ନିଜର ବୋଲି ମାନିବସେ ଏବଂ ଯିଏ ନିଜର ଥିଲା, ତାହାକୁ ଭୁଲିବସେ । ପ୍ରକୃତି ଦ୍ୱାରା ରଚିତ ସଂସାର ଆମର କେବେ ନ ଥିଲା ଏବଂ ପରମାତ୍ମା ଆମ ନିକଟରୁ କେବେ ପୃଥକ ହୋଇ ନାହାନ୍ତି, ପରନ୍ତୁ ମନର ଅସୁମାରୀ କଳ୍ପନା, ବାସନା ପୂର୍ତ୍ତିର ଇଚ୍ଛାରେ, ଇନ୍ଦ୍ରିୟମାନଙ୍କର ଆକର୍ଷଣକୁ ପୂରା କରିବା ଇଚ୍ଛାରେ, ଏହି ବ୍ୟର୍ଥ ଦୌଡ଼ ଆରମ୍ଭ ହୋଇଯାଏ । ବସ୍ତୁତଃ ଜୀବାତ୍ମା ନା ତ କର୍ମର କର୍ତ୍ତା ଅଟେ ଏବଂ ନା ହିଁ ଭୋକ୍ତା, ପରନ୍ତୁ ଅଜ୍ଞାନ ଓ ଅବିଦ୍ୟା କାରଣରୁ ପ୍ରକୃତି ଏବଂ ତାହାର ଗୁଣଗୁଡିକ ମଧରେ ସାରକୁ ଅନୁସନ୍ଧାନ କରି ସେ କର୍ତ୍ତା ଭୋକ୍ତାରେ ପରିଣତ ହୋଇଥାଏ ।

ଧାନ ପୂର୍ବକ ଦେଖିଲେ ଆମେ ଜାଣି ପାରିବା ଯେ ଯେହେତୁ ଆମେ ନୂତନ ଜନ୍ମକୁ ଏକ ନୂତନ ଶୁଭାରମ୍ଭ ବୋଲି ମାନିବସୁ ସେଥିପାଇଁ ଆମେ ଭ୍ରମିତ ହୋଇଥାଉ । ଯଦି କାମନା ବାସନା ପୁରାତନ ଅଟେ, ତେବେ ତାହାର ପରିଣାମ ନୂତନ କିପରି ହୋଇ ପାରିବ ? ଯଦି ତାହାର ପ୍ରାପ୍ତି ଅପ୍ରାପ୍ତି ଗତ ଥର ଦୁଃଖ ସୁଖ ଦେଇଥିଲା, ତେବେ ଏହି ଜନ୍ମରେ କିଛି ନୂତନତା କିପରି ଘଟିତ ହେବ ? କେବଳ ଇନ୍ଦ୍ରିୟମାନେ ବଦଳି ଯାଆନ୍ତି, ବାସନା ତ ଯଥାବତ୍ ରହିଥାଏ । ଯେପରି କେହି ଯଦି ଗୋଟିଏ ସିନେମାକୁ ବାରମ୍ବାର ଦେଖେ ଏବଂ ଚିନ୍ତା କରେ ଯେ ଏଥର ତାହାର ସମାପ୍ତି ଅନ୍ୟ ପ୍ରକାର ହେବ ତ ଏହା କିପରି ସମ୍ଭବ । ଏପରି ଭାବନା ମୁର୍ଖତା ଅତିରିକ୍ତ ଆଉ କିଛି ନୁହେଁ । ଯଦି ସମାପ୍ତିକୁ ବଦଳାଇବାର କିଛି ତେବେ ସିନେମାକୁ ବାରମ୍ବାର ଦେଖେ ଏବଂ ଚିନ୍ତା କରେ ଯେ ଏଥର ତାହାର ସମାପ୍ତି ଅନ୍ୟ ପ୍ରକାର ହେବ ତ ଏହା କିପରି ସମ୍ଭବ ! ଏପରି ଭାବନା ମୂର୍ଖତା ଅତିରିକ୍ତ ଆଉ କିଛି ନୁହେଁ । ଯଦି ସମାପ୍ତିକୁ ବଦଳାଇବାର ଅଛି ତେବେ ସିନେମାକୁ ମଧ ବଦଳାଇବାକୁ ପଡିବ । ସେହିପରି ଶରୀରକୁ ହିଁ ନୁହେଁ, ବାସନାକୁ ମଧ ବଦଳାଇବାକୁ ପଡିବ । ତାହା ନ ବଦଳାଇ ଖାଲି ଉପକରଣ ବଦଳାଇ ଦେଲେ ବାକି ସବୁ ଜିନିଷ ଅପରିବର୍ତ୍ତିତ ରହିଥାଏ ।

ଯେପରି ଶରୀର ସମାପ୍ତ କରିଦେବା ଦ୍ୱାରା ଜୀବନ ସମାପ୍ତ ହୋଇଯାଏ ନାହିଁ, କେବଳ ଶରୀର ବଦଳିଯାଏ । ଗୋଟିଏ ସମାପ୍ତ ହେବା ପରେ ଦ୍ୱିତୀୟ ଶରୀର ମିଳିଯାଏ । ଯଦି ଅନ୍ତରର ବାସନା ରୂପାନ୍ତରିତ ହୁଏ ନାହିଁ ତେବେ ନୂତନ ଶରୀର କିପରି ଆନନ୍ଦର ଦ୍ୱାରା ହୋଇ ପାରିବ ? ତାହା ମଧ ଦୁଃଖ, କ୍ଳେଶ, କଷ୍ଟର ଦ୍ୱାର ହିଁ ହେବ । ଇନ୍ଦ୍ରିୟଗୁଡିକୁ ନଷ୍ଟ କରିଦେଲେ ସମସ୍ୟାର ସମାଧାନ ହୁଏ ନାହିଁ, ବରଂ ବାସନାର ରୂପାନ୍ତରଣ ଦ୍ୱାରା ସମାଧାନ ସମ୍ଭବ ହୋଇଥାଏ । ଇନ୍ଦ୍ରିୟଗଣ ଆମ ବନ୍ଧନର ମାଧମ ଅଟନ୍ତି, କିନ୍ତୁ ଆମେ ଆମର କାମନା, ଅହଂକାର ଓ ବାସନା କାରଣରୁ ହିଁ ବାନ୍ଧି ହୋଇଥାଉ । ମନ ମଧରେ ଯଦି ଅନୁରାଗର କଳ୍ପନା ଚାଲିଥାଏ, ଏହି ସ୍ୱପ୍ନ ସଜ୍ଜିତ ହୋଇ ରହେ ଯେ ଏହା ମିଳିବ କି ତାହା ମିଳିବ, ତେବେ ଇନ୍ଦ୍ରିୟଗୁଡିକ ନଷ୍ଟ ହୋଇଗଲେ ସେହି କାମନାଗୁଡିକ କ'ଣ ନଷ୍ଟ ହୋଇଯିବ । ଯଦି ଏପରି ହୋଇଥାନ୍ତା ତେବେ ଧୃତରାଷ୍ଟ୍ର ନେତ୍ରହୀନ ଥିଲେ, ତାଙ୍କୁ ତାଙ୍କର ରାଜ୍ୟ ଦେଖାଯାଉ ନ ଥିଲା, ତଥାପି ଆଖି ନ ଥାଇ ମଧ ତାଙ୍କ କାମନାର ଅନ୍ତ ହୋଇପାରି ନ ଥିଲା । ପୁରା ମହାଭାରତ ଯୁଦ୍ଧ ଏହି କାରଣରୁ ସୃଷ୍ଟି ହୋଇଥିଲା, କାରଣ ସେହି ନିଜର କାମନାକୁ ପରିବର୍ତ୍ତନ କରିପାରି ନ ଥିଲେ । ଏହାର ଡୋର ଜୀବାତ୍ମା ହାତରେ ହିଁ ଅଛି । ଆମେ କାଠପିତୁଳା ହୋଇ ବସି ଯାଇଛୁ, କିନ୍ତୁ ଆମେ ମାଲିକ । ଆମ ହାତରେ ଡୋର ଅଛି, କିନ୍ତୁ ଇନ୍ଦ୍ରିୟମାନଙ୍କ ଦ୍ୱାରା ଆମେ ଟଣା ଯାଉଛୁ । ଏକ ପ୍ରସଙ୍ଗ ଆସେ ଯେ ଥରେ ଜଣେ ବ୍ୟକ୍ତି ଆଚାର୍ଯ୍ୟ ଶଙ୍କରଙ୍କୁ ସାକ୍ଷାତ୍ କରିବାକୁ ଆସି କହିଲା- 'ଭଗବାନ ! ମୁଁ ମୋର କ୍ରୋଧ ଯୋଗୁଁ ହଇରାଣ ହେଉଛି । ଏହା କେଉଁଠାରୁ ଆସି ଯାଉଛି । ଅନେକ ଥର ଚେଷ୍ଟା କରୁଛି, କିନ୍ତୁ ପ୍ରଶମିତ ହେଉ ନାହିଁ । ଆପଣ ଏଥିରୁ ରକ୍ଷା ପାଇବାର କୌଣସି ମାର୍ଗ କହନ୍ତୁ ? ଶଙ୍କରାଚାର୍ଯ୍ୟ କହିଲେ- 'ଟିକେ ବିଳମ୍ବରେ ଆସିବ, ତାହେଲେ ଉପାୟ କହି ପାରିବ । ଏବେ ମୋର ହାତକୁ ମୋ କମଣ୍ଡଳୁ ଧରି ନେଇଛି । ଏହି କମଣ୍ଡଳୁ ମୋ ହାତକୁ ଛାଡିଲେ ତ ମୁଁ କିଛି କରିବି ? କିନ୍ତୁ ଲୋକଟି ଆଶ୍ଚର୍ଯ୍ୟ ମିଶ୍ରିତ ସ୍ୱରରେ କହିଲା- କାହିଁକି ମଜା କରୁଛନ୍ତି ଭଗବାନ । କମଣ୍ଡଳୁ ଆପଣଙ୍କୁ କିପରି ଧରି ପାରିବ ? ଆପଣ ହିଁ ତାକୁ ଧରିଛନ୍ତି । ଶଙ୍କରାଚାର୍ଯ୍ୟ କହିଲେ- 'ବସ୍ !' ସେହିପରି କ୍ରୋଧ ତୁମକୁ ଧରି ନାହିଁ, ତୁମେ ହିଁ ତାକୁ ଧରି ରଖିଛ । ତୁମେ ନିଜ ମନର ମାଲିକ, ତେବେ ଗୋଲାମ ପରି ବ୍ୟବହାର କାହିଁକି କରୁଛ ? ଏହା ଶୁଣିବା ପରେ ବ୍ୟକ୍ତିର ଆଖି ଖୋଲିଗଲା ଏବଂ ତା'ର ଚିନ୍ତନ ଓ ଜୀବନ ସବୁଦିନ ପାଇଁ ବଦଳି ଗଲା ।

ଜୀବାତ୍ମା ହିଁ ଇନ୍ଦ୍ରିୟମାନଙ୍କୁ ଧରି ରଖିଛି । ଛାଡିବାକୁ ଚାହିଁଲେ ସେ ସବୁ ଗୋଟିଏ ମୁହୂର୍ତ୍ତରେ ଚାଲିଯିବ । ଜାଗ୍ରତ ହେବାକୁ ଚାହିଁଲେ ବର୍ତ୍ତମାନ ଜାଗ୍ରତ ହୋଇ ପାରିବ । ମୁକ୍ତ ହେବାକୁ ଚାହିଁଲେ ବର୍ତ୍ତମାନ ହୋଇ ପାରିବ- ମାତ୍ର ହୋସକୁ, ବୋଧକୁ ଜାଗ୍ରତ କରିବାର ଆବଶ୍ୟକତା ରହିଛି । ଆମେ ଇଚ୍ଛା ଦ୍ୱାରା ନୂତନ ଜନ୍ମର, ନୂତନ କର୍ମର ନିର୍ମାଣ ହୋଇଥାଏ, ତେବେ ସେଇ ଇଚ୍ଛାର ଡୋରକୁ ଛିଣ୍ଡାଇ ଦେବା ଦ୍ୱାରା ହିଁ ତାହା ସମାପ୍ତ ମଧ ହୋଇଯାଏ । ନିଜର ସଂକଳ୍ପକୁ ଜାଗ୍ରତ କରିବା ବନ୍ଧନକୁ କାଟିଦେବା, ଯାହା ଫଳରେ ଭ୍ରମିତ ହେବାର ଏହି ଚକ୍ର ସବୁଦିନ ପାଇଁ ଅପସରି ଯିବ ।

# ୧୦୮ର ମାହାତ୍ମ୍ୟ

ଗୋଡ଼ୀୟ ବୈଷ୍ଣବ ମତରେ ବୃନ୍ଦାବନରେ ୧୦୮ ଜଣ ଗୋପୀ ଥିଲେ । ତେଣୁ ଜପମାଳାର ମାଳି ସଂଖ୍ୟା ୧୦୮ ହେବା ଉଚିତ । ବୈଷ୍ଣବ ପରମ୍ପରା ଅନୁଯାୟୀ ଭଗବାନ ବିଷ୍ଣୁଙ୍କର ୧୦୮ଟି ନିବାସ ରହିଛି । ବିଶ୍ୱର ବୃହତ୍ତମ ହିନ୍ଦୁ ମନ୍ଦିର ଭାବରେ ଖ୍ୟାତ କାମ୍ବୋଡ଼ିଆର ଆଙ୍ଗକୋର ୱାଟ୍ ମନ୍ଦିରରେ ୫୪ ଜଣ ଦେବତା ଓ ୫୪ ଜଣ ଅସୁର ସର୍ପକୁ ଦୁଇ ପାର୍ଶ୍ୱରୁ ଧରି ସମୁଦ୍ର ମନ୍ଥନ କରୁଥିବାର ମୂର୍ତ୍ତି ରହିଛି । ଆଙ୍ଗକୋର ଥୋମର ଦୁର୍ଗିକୃତ ମନ୍ଦିରର ୫ ଟି ପ୍ରବେଶ ପଥରେ ଫାଟକର ବାମ ପାର୍ଶ୍ୱରେ ୫୪ ଜଣ ଦେବତା ଓ ଡାହାଣ ପାର୍ଶ୍ୱରେ ୫୪ ଜଣ ଅସୁରଙ୍କର ମୂର୍ତ୍ତି ରହିଛି । ତିବ୍ବତୀୟ ବୌଦ୍ଧମାନେ ଜପମାଳିରେ ୧୦୮ ଟି ମାଳି ବ୍ୟବହାର କରନ୍ତି । ତିବ୍ବତୀୟ ଭାଷାରେ ବୁଦ୍ଧଙ୍କ ୧୦୮ ବାଣୀର ପ୍ରତୀକ ଭାବରେ ବିବେଚନା କରାଯାଏ ଏହାକୁ । ଜୈନ୍ ବୌଦ୍ଧ ସନ୍ୟାସୀମାନେ କଚଟିରେ ପିନ୍ଧୁଥିବା ଜପମାଳି ଜୁଜୁରେ ୧୦୮ ଟି ମାଳି ଥାଏ । ବୌଦ୍ଧଧର୍ମର ଲଙ୍କାବତାର ସୂତ୍ରରେ ବୋଧିସତ୍ତ୍ୱ ମହାମତି ବୁଦ୍ଧଙ୍କୁ ୧୦୮ ଟି ପ୍ରଶ୍ନ ପଚାରିଥିବା ଉଲ୍ଲେଖ ଅଛି । ଅନେକ ବୌଦ୍ଧ ମନ୍ଦିରରେ ୧୦୮ଟି ପାହାଚ ରହିଛି ।

ଆଦ୍ୟ ପ୍ରାଚୀନ ଖ୍ରୀଷ୍ଟିଆନ ମତବାଦ ଅନୁଯାୟୀ, ପ୍ରତ୍ୟେକ ବ୍ୟକ୍ତିଙ୍କୁ ନିଜ ଅହଙ୍କାର ତ୍ୟାଗ କରିବା ପାଇଁ ପ୍ରକୃତି ୧୦୮ ଥର ସୁଯୋଗ ଦିଏ । ଏହା ହୋଇ ନ ପାରିଲେ ସେ ଏହି ପାର୍ଥିବ ଜଗତ ଛାଡିବା ପୂର୍ବରୁ ଏହି ଅହଂ ପ୍ରକୃତିର ଜୋର କରି ଛଡ଼ାଇନିଏ । ଲୁସିଆନା ରାଜ୍ୟ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଭାଷ କାକଙ୍କ ଅନୁଯାୟୀ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ଗତିପଥକୁ ୨୭ଟି ସମାନ ଭାଗରେ ବିଭକ୍ତ କରାଯାଏ । ଏହାକୁ ନକ୍ଷତ୍ର କୁହାଯାଏ । ପ୍ରତି ନକ୍ଷତ୍ରକୁ ଚାରୋଟି ଭାଗ ବା ଚାରୋଟି ପଦରେ ବିଭକ୍ତ କରାଯାଏ । ଏହି ୨୭ × ୪ = ୧୦୮ ଆକାଶରେ ସୂର୍ଯ୍ୟ ଓ ଚନ୍ଦ୍ରଙ୍କ ୧୦୮ଟି ପଦ ସହ ସମାନ । ପ୍ରତ୍ୟେକ ପଦ ଗୋଟିଏ ଗୋଟିଏ ଆଶୀର୍ବାଦ ସହ ଜଡ଼ିତ । ଜପମାଳାର ଆରମ୍ଭ ବା ମୁଖ୍ୟ ମାଳିକୁ କୁହାଯାଏ କୃଷ୍ଣ । ବିଶ୍ୱାସ କରାଯାଏ କୃଷ୍ଣଙ୍କର ୧୦୮ ଜଣ ଶ୍ରେଷ୍ଠ ଅନୁଚର ଅଛନ୍ତି । ସେମାନେ ସର୍ବଦା କୃଷ୍ଣ ନାମ ଜପ କରୁଥାନ୍ତି । ତେଣୁ ଜପମାଳାର କୃଷ୍ଣମାଳିରେ ଜପ କରାଯାଏ ନାହିଁ । ପୃଥିବୀ ଠାରୁ ସୂର୍ଯ୍ୟର ଦୂରତା ପ୍ରାୟ ୧୦୮ (୧୦୭.୫୧) ଗୁଣ । ପୃଥିବୀଠାରୁ ଚନ୍ଦ୍ରଙ୍କ ଦୂରତା ଚନ୍ଦ୍ରଙ୍କ ବ୍ୟାସର ୧୦୮ ଗୁଣ । ଏଥିସହ ସୂର୍ଯ୍ୟଙ୍କ ବ୍ୟାସ ପୃଥିବୀ ବ୍ୟାସର ପ୍ରାୟ ୧୦୮ ଗୁଣ । ବୋଧହୁଏ ଏହି କାରଣରୁ ପୁରାତନ ମୁନିଋଷିମାନେ ୧୦୮ ସଂଖ୍ୟାକୁ ଏତେ ଗୁରୁତ୍ୱ ଦେଇଛନ୍ତି । ଯେମିତି ଆମ ସୌରଜଗତରେ ସୂର୍ଯ୍ୟ ଚନ୍ଦ୍ରଙ୍କ ୧୦୮ ଟି ପାଦ ଗତି ଅଛି ସେମିତି ଆମ ଅନ୍ତର ଭିତରେ ଥିବା ସୂର୍ଯ୍ୟଙ୍କୁ ପରିକ୍ରମା କରିବା ପାଇଁ ୧୦୮ ସଂଖ୍ୟାର ଗୁରୁତ୍ୱ ରହିଛି ।

**ଅବଶିଷ୍ଟାଂଶ ୧୦ମ ପୃଷ୍ଠାରେ**

## ଆଜିର ଚିନ୍ତନ

ଦିନ ପରେ ରାତି, ରାତି ପରେ ଦିନ ଆସେ । ଠିକ୍ ସେହିପରି ସୁଖ ପରେ ଦୁଃଖ ଆସେ । ଏହି ନିୟମର ବ୍ୟତିକ୍ରମ ଘଟେ ନାହିଁ, ଏହା ପ୍ରକୃତିର ନିୟମ, ସ୍ରଷ୍ଟାଙ୍କର ସୃଷ୍ଟିର ନିୟମ । ଏଥିପାଇଁ ବିଚଳିତ ହେବାର କାରଣ ନାହିଁ । ଛଅ ଗୋଟି ଜିନିଷ ମନୁଷ୍ୟ ଜୀବନରେ ସୁଖୀ ହେବା ପାଇଁ ଆବଶ୍ୟକ । ସେ ଛଅଟି ହେଉଛି, ସ୍ୱାସ୍ଥ୍ୟ, ଅଋଣୀ ହେବା ବା ଋଣ ନ ଆଣିବା, ବିଚ୍ଛେଦ ରହିତ ହେବା, ସାଧୁ ସନ୍ଥ ସଙ୍ଗ, ସ୍ୱକୀୟ ଜୀବିକା ଏବଂ ନିର୍ଭୟରେ ବଞ୍ଚିବା । ସଂସାରରେ କେହି ଚିରନ୍ତନ ସୁଖ ଲାଭ କରନ୍ତି ନାହିଁ କିମ୍ବା ନିରନ୍ତର ଦୁଃଖ ଭୋଗନ୍ତି ନାହିଁ । ସୁଖ ପରେ ଦୁଃଖ, ଦୁଃଖ ପରେ ସୁଖ ଆସିଥାଏ । ଏପରି ଅନେକ କଥା ଅଛି, ଯାହା ପ୍ରଥମେ ବା ଆରମ୍ଭରେ ସୁଖଦାୟକ ହୋଇଥାଏ କିନ୍ତୁ ପରିଣତି ଦୁଃଖଦାୟକ ଅଟେ । ଯେପରି ଦୈହିକ ସମ୍ପର୍କରୁ ଆନନ୍ଦ, ସଦ୍ୟ ଗର୍ଭ, ଋଣ, କୁକୁରମାନଙ୍କର ରତିକ୍ରୀଡ଼ା । ଏ ସବୁରେ ପ୍ରଥମରୁ ତ ଆନନ୍ଦ ମିଳିଥାଏ କିନ୍ତୁ ପରେ ଏହା ହିଁ ଦୁଃଖର କାରଣ ହୋଇଥାଏ । ଲୋଭ ପାପର କାରଣ, ରସରୁ ଅନେକ ରୋଗ ଜାତ ହୁଏ । ସ୍ନେହ ବା ଆସକ୍ତି, ସୁଖ ଦୁଃଖର କାରଣ ହୋଇଥାଏ । ତେଣୁ ଏ ତିନୋଟି ତ୍ୟାଗ କଲେ ମନୁଷ୍ୟ ସୁଖୀ ହୁଏ । ଧନଧାନ୍ୟ କାରବାରରେ, ବିଦ୍ୟା ସଂଗ୍ରହ କାଳରେ, ଆହାର ଏବଂ ବ୍ୟବହାରରେ ଲଜ୍ଜ୍ୟା ତ୍ୟାଗ କଲେ ମନୁଷ୍ୟ ସୁଖୀ ହୁଏ । ପ୍ରାତଃ ସ୍ନାନ, ଗୋ ସେବା, ପୁଷ୍ପ ବଗିଚାର ଯତ୍ନ ନେବା, ପିତାମାତାଙ୍କ ସେବା କରିବା, ଏସବୁ ମନୁଷ୍ୟର କର୍ତ୍ତବ୍ୟର ଅଂଶ ବିଶେଷ, ଧର୍ମ ଶାସ୍ତ୍ର ସମ୍ମତ ଏବଂ ଆନନ୍ଦ ଦାୟକ ମଧ । ଆନନ୍ଦ ପ୍ରାପ୍ତି ଓ କର୍ତ୍ତବ୍ୟ ବୋଧ ଦୃଷ୍ଟିରୁ ଏସବୁ କରାଯାଇଥାଏ । ଦାନ, ଧୃତି, କ୍ଷମା, ପ୍ରଜ୍ଞା, ସନ୍ତୋଷ, କୋମଳ ବଚନ, ଏ ସବୁ ମହତ୍ ଲୋକମାନଙ୍କର ସ୍ୱାଭାବିକ ଗୁଣ । ଏ ଜଗତରେ ଦୁଇ ପ୍ରକାରର ଲୋକେ କେବେ କସ୍ମିନ୍ କାଳେ ସୁଖୀ ହୋଇ ନ ଥାନ୍ତି । ଦରିଦ୍ର ହୋଇ କାମାଶକ୍ତ ହେବା ବ୍ୟକ୍ତି ଓ ଅସହାୟ ହୋଇ ମଧ କ୍ରୋଧର ବଶବର୍ତ୍ତୀ ମନୁଷ୍ୟ ।

# 'ଶ୍ରାବଣୀ ଉପାକର୍ମ ପଛରେ ଥିବା ଦର୍ଶନ'

ଭାରତୀୟ ସଂସ୍କୃତି ହେଉଛି ପର୍ବପର୍ବାଣିର ସଂସ୍କୃତି । ଏସବୁର ଉଦ୍ଦେଶ୍ୟ ହେଉଛି ମାନବୀୟ ସମ୍ବନ୍ଧର ବିକାଶ ଏବଂ ଉଦାର ଭାବନାର ସାର୍ଥକ ଅଭିବ୍ୟକ୍ତି । ଏଇ ପର୍ବଗୁଡିକ ଭିତରେ ଶ୍ରାବଣୀ ବା ରକ୍ଷା ବନ୍ଧନର ମହତ୍ତ୍ୱ ପୂର୍ଣ୍ଣ ସ୍ଥାନ ରହିଛି । ବୈଦିକ ଯୁଗରୁ ପ୍ରଚଳିତ ଏହି ପର୍ବ ଶିକ୍ଷା, ସୌନ୍ଦର୍ଯ୍ୟ ତଥା ସାଂସ୍କୃତିକ ମୂଲ୍ୟର ସ୍ଥାପନା ଏବଂ ପୁନଃସ୍ମରଣ କରାଇଥାଏ । ଏହାକୁ ପ୍ରାୟଶ୍ଚିତ୍ତ ଏବଂ ଜୀବନମୂଲ୍ୟର ରକ୍ଷା ନିମିତ୍ତ ସଂକଳ୍ପ-ପର୍ବ ରୂପେ ପାଳନ କରାଯାଏ । ଏହା ହିଁ ହେଉଛି ଜୀବନର ସୁଖ ଏବଂ ସମୃଦ୍ଧିର ଆଧାର ।

ଶ୍ରାବଣ ପୂର୍ଣ୍ଣିମା ଦିନ ଦୁଇଟି ମୁଖ୍ୟ ପର୍ବର ପାଳନ କରାଯାଏ । ଶ୍ରାବଣୀ ଅଥବା ଉପାକର୍ମ (ସଂସ୍କାର ପୂର୍ବକ ବେଦ ଗ୍ରହଣ) ଏବଂ ରକ୍ଷାବନ୍ଧନ । ରକ୍ଷା ବନ୍ଧନର ଅର୍ଥ ହେଲା ରକ୍ଷା କରିବା ପାଇଁ ବନ୍ଧାଯିବା । ସୂତ୍ର ହେଲା ପବିତ୍ର ପ୍ରେମର ପରିଚାୟକର ଭାଇ ଏବଂ ଭଉଣୀର ଅତୁଟ ବିଶ୍ୱାସର ପ୍ରତୀକ । ରାଖୀ (ରକ୍ଷା ସୂତ୍ର) ର ଏଇ ପର୍ବକୁ ରଖଡୀ, ସଲାନୀ, ଶ୍ରାବଣୀ ଏବଂ ଆହୁରି ଅନେକ ନାମରେ ପରିଚୟ ଦିଆଯାଏ । କିନ୍ତୁ ପ୍ରତ୍ୟେକ ନାମର ବାସ୍ତବ ଅର୍ଥ ହେଲା ସ୍ନେହ । ରାଖୀ ହେଉଛି ଭଙ୍ଗୁର ସୂତାର ଏପରି ଏକ ବନ୍ଧନ, ଯାହାକି ଭାରତୀୟ ସଂସ୍କୃତିର ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରେ ।

ଏଇ ପର୍ବ ସମ୍ବନ୍ଧରେ ଅନେକ କଥା ପ୍ରଚଳିତ ଅଛି । କୁହାଯାଏ ଯେ, ଦେବାସୁର ସଂଗ୍ରାମରେ ଦେବତାମାନେ ନିରନ୍ତର ପରାଜିତ ହେବାକୁ ଲାଗିବାରୁ, ଗୁରୁ ବୃହସ୍ପତି ପାଖରେ ଇନ୍ଦ୍ର ବିଜୟ ପ୍ରାପ୍ତିର ଇଚ୍ଛା ପ୍ରକଟ କଲେ ଏବଂ ଏଥିପାଇଁ ଉପାୟ ବତାଇବା ପାଇଁ ପ୍ରାର୍ଥନା କଲେ । ଶ୍ରାବଣ ପୂର୍ଣ୍ଣିମା ଦିନ ଦେବଗୁରୁ ବୃହସ୍ପତି ଇନ୍ଦ୍ରଙ୍କ ହାତରେ ଅର୍କ (ଆକ) ଗଛର ତନ୍ତୁର ରାଖୀ କରି ବାନ୍ଧି ଦେଲେ । ଏହା ରକ୍ଷା-କବଚର ବରଦାନ ହେଲା । ଏହିପରି ଭାବରେ ମାନବ-ସଂସ୍କୃତିର ପ୍ରଥମ ରକ୍ଷା ସୂତ୍ର ବାନ୍ଧିଥିବା ବୃହସ୍ପତି ଦେବଗୁରୁ ପଦରେ ପ୍ରତିଷ୍ଠିତ ହେଲେ । ସେଇ ଦିନଠାରୁ ରକ୍ଷାସୂତ୍ର ବାନ୍ଧିବାର ପ୍ରଚଳନ ଆରମ୍ଭ ହେଲା ।

ଦେବାସୁର ସଂଗ୍ରାମ ପାଇଁ ଇନ୍ଦ୍ରଙ୍କୁ ବିଦାୟ ଦେବାବେଳକୁ ସେଇଦିନ ତାଙ୍କର ସ୍ତ୍ରୀ ଶଚୀ ତାଙ୍କ ବାହୁରେ ରକ୍ଷାସୂତ୍ର ବାନ୍ଧିଥିଲେ । ଏହି ସୂତ୍ର ଥିଲା ବିଶ୍ୱାସ ଏବଂ ଆସ୍ଥାର ପ୍ରତୀକ । ବିଶ୍ୱାସ ଫଳ ଦେଖାଇଲା ଏବଂ ଇନ୍ଦ୍ର ବିଜୟୀ ହୋଇ ବାହୁଡି ଆସିଲେ । ଯୋଦ୍ଧାମାନେ ବିଜୟୀ ହୋଇ ଫେରିବା ପାଇଁ ପ୍ରାଚୀନ କାଳରେ ତାଙ୍କର ସ୍ତ୍ରୀମାନେ ରକ୍ଷା ସୂତ୍ର ବାନ୍ଧି ତାଙ୍କୁ ଯୁଦ୍ଧ ଭୂମିକୁ ପଠାଉଥିଲେ । ଅନ୍ୟ ଗୋଟିଏ କାହାଣୀ ଅନୁଯାୟୀ ସେଇଦିନ ଭଗବାନ୍ ବାମନ ରକ୍ଷା ପାଇଁ ବାଲୀ ହାତରେ ସୂତା ବାନ୍ଧି ଦକ୍ଷିଣା ପାଇଥିଲେ । ବସ୍ତୁତଃ, ରାଖୀର ଏଇ ଭଙ୍ଗୁର ସୂତା ବଦଳରେ ଭଗବାନ୍ ଶ୍ରୀକୃଷ୍ଣ ଦ୍ରୌପଦିଙ୍କ ଶାଢ଼ୀକୁ ଅକ୍ଷୟ ଏବଂ ଅସୀମ କରି ତାଙ୍କର ମହତ ରକ୍ଷା କରିଥିଲେ । ଏହାକୁ ଭାଇ-ଭଉଣୀଙ୍କ ପବିତ୍ର ଏବଂ ପାବନ ସମ୍ବନ୍ଧର ସୂତ୍ରପାତ କୁହାଯାଇ ପାରେ ଏବଂ ସେହିଦିନ ଠାରୁ ହିଁ ରକ୍ଷା-ବନ୍ଧନର ପୁଣ୍ୟ ପରମ୍ପରାର ପ୍ରଚଳନ ହୋଇଛି ।



ପୌରାଣିକ, ମଧ୍ୟବର୍ତ୍ତୀ ଏବଂ ବର୍ତ୍ତମାନ ସମୟରେ ରକ୍ଷାବନ୍ଧନ ପର୍ବ ରୂପେ ଏକ ନବୀନ ଆଶା ଏବଂ ଉତ୍ସାହର ସଞ୍ଚାର କରେ । ରକ୍ଷା ବନ୍ଧନ ହେଉଛି ଭାଇ-ଭଉଣୀର ସ୍ନେହର ପ୍ରତୀକ ପର୍ବ । ରାକ୍ଷୀ ରୂପକ ସ୍ନେହଶୀଳ ସୂତାରେ ଭଉଣୀର ହୃଦୟର ସମସ୍ତ କାମନା ଭାବନା ସାକାର ହୋଇ ଉଠେ । ଭଉଣୀ ଭାଇ ହାତରେ ରାକ୍ଷୀ ବାନ୍ଧି ତା ମନରେ କର୍ତ୍ତବ୍ୟ ପାଳନ, ବଳିଦାନ ଏବଂ ନିଷ୍ଠାର ଭାବନାର ଜାଗ୍ରତ କରାଏ ଏବଂ ତାବଦଳରେ ତାଙ୍କ ଠାରୁ ଯେ କୌଣସି ସଙ୍କଟ ସମୟରେ ନିଜର ସୁରକ୍ଷା ଏବଂ ସଂରକ୍ଷଣର ଆଶ୍ୱାସନା ପାଏ । ପ୍ରାଚୀନକାଳରେ ରାଖୀ ବାନ୍ଧୁଥିବା ବ୍ୟକ୍ତି ନିଜେ ନିଜକୁ ରକ୍ଷା କରିବାରେ ସକ୍ଷମ ଥିଲା । ସେଥିପାଇଁ ରକ୍ଷାପାଇଁ ସେ ଅଭୟଦାନ ଦେଉଥିଲା ।

ରକ୍ଷାବନ୍ଧନ ହେଉଛି ଭାରତ ଦେଶର ସାଂସ୍କୃତିକ ପ୍ରତିଫଳନ । ଏହାର ସ୍ୱରୂପ ସମ୍ପୂର୍ଣ୍ଣରୂପେ ସାଂସ୍କୃତିକ । ରକ୍ଷାର ଭାବନାରେ ଆଧାରିତ ହୋଇ ଥିବାରୁ ଏହି ପର୍ବ ହେଉଛି ଶକ୍ତି ଏବଂ ସାହସର ସନ୍ଦେଶବାହକ । ଏହି ପର୍ବ ଭାରତୀୟ ଜନମାନସକୁ ଆନ୍ଦୋଳିତ କରିଛି । ଏହା ଇତିହାସର ପ୍ରବାହକୁ ମଧ ବଦଳାଇ ଦେବାର ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି । ଏହି ପର୍ବ ଧର୍ମ, ରକ୍ତ, ଭାଷା ଏବଂ ଭାରତୀୟତାର ସୀମା ଲଂଘନ କରି ଲୋକମାନଙ୍କୁ ଭାବନାତ୍ମକ ବନ୍ଧନରେ ବାନ୍ଧି ଦେଇଛି । ଭାବନାର ସୂତ୍ର ବଡ ସୂକ୍ଷ୍ମ ଏବଂ ଚିରସ୍ଥାୟୀ ହୋଇଥାଏ । ରାଖୀର ଭଙ୍ଗୁର ସୂତ୍ରରେ ଲୌହ ବନ୍ଧନରୁ ଅଧିକ ସାମର୍ଥ୍ୟ ଏବଂ ଶକ୍ତି ବିଦ୍ୟମାନ । ବର୍ତ୍ତମାନର ବିପରୀତ ପରିସ୍ଥିତିରେ ଏହି ପର୍ବର ପ୍ରାସଙ୍ଗିକତା ଅକ୍ଷୁର୍ଣ୍ଣ ରହିଛି । ଏଥିରେ ସମତା, ଏକତା, ସଂରକ୍ଷଣ ଏବଂ ସ୍ନେହ ସହିତ ଭାଇ-ଭଉଣୀର ପବିତ୍ରତମ ସନାତନ ସମ୍ବନ୍ଧ ସଂଶ୍ଳିଷ୍ଟ ।

ଶ୍ରାବଣୀ ପୂର୍ଣ୍ଣିମାର ଆଉ ଗୋଟିଏ ଦିଗ ହେଲା ଶ୍ରାବଣୀ ଅର୍ଥାତ୍ ଉପାକର୍ମ । ଉପାକର୍ମ ବିଶୁଦ୍ଧ ରୂପେ ହେଉଛି ବୈଦିକ କର୍ମ । ଏହା ବ୍ୟତୀତ ରକ୍ଷା-ବନ୍ଧନ ଅପୂର୍ଣ୍ଣ ରହିଯିବ । କୌଣସି ପବିତ୍ର ନଦୀ, ଜଳାଶୟ ବା ସମୁଦ୍ର ତଟରେ ସାମୁହିକ ରୂପେ ବିଧିପୂର୍ବକ ସ୍ନାନ, ପୂଜନ ହବନ କରି ଏହି ପର୍ବ ସମ୍ପନ୍ନ କରାଯାଏ । ଏଇଦିନ ଯଜ୍ଞୋପବୀତ ବଦଳାଇବାର ବିଧାନ ମଧ ରହିଛି । ଶାସ୍ତ୍ର କହିଛି -



ସଂପ୍ରାପ୍ତେ ଶ୍ରାବଣାସ୍ୟାନ୍ତେ ପୌର୍ଣ୍ଣମାସ୍ୟାଂ ଦିନାଦୟେ ।
ସ୍ନାନଂ କୁର୍ବୀତ ମତିମାନ୍ ଶ୍ରୁତି ସ୍ମୃତି ବିଧାନତଃ ?

ଅର୍ଥାତ୍, ଶ୍ରାବଣ ପୂର୍ଣ୍ଣିମାର ପ୍ରାତଃକାଳରେ ବୁଦ୍ଧିମାନ ପୁରୁଷ ଶ୍ରୁତି- ସ୍ମୃତି ବିଧାନ ଅନୁସାରେ ସ୍ନାନାଦି କୃତ୍ୟ କରିବା ଉଚିତ । ଏହା ହେଉଛି ଆତ୍ମ ଶୋଧନର ପୁଣ୍ୟ-ପର୍ବ । ସାବଧାନରେ ରହୁଥିବା ଲୋକମାନେ ମଧ ପ୍ରମାଦବଶତଃ କିଛି ଭୁଲ କରି ପକାନ୍ତି । ଏଇ ଦୋଷ ଦୂର କରିବା ପାଇଁ ଏବଂ ପାପରୁ ନିବୃତ୍ତି ପାଇଁ ଶ୍ରାବଣୀର ବିଶେଷ ଅବଦାନ ରହିଛି । ଆଚାର୍ଯ୍ୟ ହେମାଦ୍ରି କୃତ ଶ୍ରାବଣୀ ସଂକଳ୍ପ ଏହି କର୍ମକାଣ୍ଡର ସବୁଠାରୁ ବଡ ସଂକଳ୍ପ । ଏହା ହେଉଛି ପ୍ରାୟଶ୍ଚିତ୍ତ ସଂକଳ୍ପ । ଜ୍ଞାତ-ଅଜ୍ଞାତ ଅନେକ ପାପର ନାମୋଲ୍ଲେଖ କରି ଏଥିରୁ ମୁକ୍ତି ପାଇବାର କାମନା କରାଯାଉଛି । ଏଥିରେ ମାଟି, ଗୋବର, ଭସ୍ମ, ପଞ୍ଚଗବ୍ୟ, ଉପମାର୍ଗ, କୁଶଯୁକ୍ତ ଜଳ ଇତ୍ୟାଦି ଦ୍ୱାରା ସ୍ନାନ କରାଯାଏ । ଏହାଦ୍ୱାରା ଶାରୀରିକ ଶୁଦ୍ଧି ହୋଇଥାଏ ଏବଂ ଋଷି ପୂଜନ, ଦେବପୂଜନ ଦ୍ୱାରା ଆଧାତ୍ମିକ ଶାନ୍ତି ଉପଲବ୍ଧ ହୋଇଥାଏ । ହବନ ପରେ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଆଯାଇଥାଏ । ଆତ୍ମଶୁଦ୍ଧି ପରେ ବେଦାଧ୍ୟୟନର ନିୟମ ମଧ ରହିଛି ।

ଶ୍ରାବଣୀ ପର୍ବରେ ସ୍ନାନ ସମ୍ବନ୍ଧୀୟ ବିଧି ପୂରାପୂରି ବୈଜ୍ଞାନିକ ଆଧାରରେ ସ୍ଥିର କରାଯାଇଛି । ମୃତ୍ତିକା, ଭସ୍ମ, ଗୋମୟ, କୁଶ, ଦୁର୍ବା ଇତ୍ୟାଦି ସମସ୍ତେ ସ୍ୱାସ୍ଥ୍ୟବର୍ଦ୍ଧକ ଏବଂ ରୋଗନାଶକ ମଧ । ଏହିପରି ଭାବରେ ଶ୍ରାବଣୀର ସମସ୍ତ ପ୍ରକ୍ରିୟା ସର୍ବବିଧ ଶୁଦ୍ଧି ପାଇଁ ଅତ୍ୟନ୍ତ ଲାଭଦାୟକ । ପଞ୍ଚଗବ୍ୟ ପଦାର୍ଥର ଉପଯୋଗିତାକୁ ଆୟୁର୍ବେଦ ମଧ ସ୍ୱୀକାର କରିଛି ।

ବୈଦିକ ଯୁଗରୁ ପାଳନ କରାଯାଉଥିବା ଏହି ପର୍ବର ଉଦ୍ଦେଶ୍ୟ ହେଲା ପ୍ରମାଦ ବା ଅଜ୍ଞତା ବଶତଃ କରାଯାଉଥିବା ଦୁଷ୍କର୍ମକୁ ପ୍ରାୟଶ୍ଚିତ୍ତ ଦ୍ୱାରା ଦୂର କରିବା । ତା ସହିତ ଜୀବନ-ମୂଲ୍ୟର ରକ୍ଷା ପାଇଁ ସଂକଳ୍ପ କରିବା । ଏହା ଭବିଷ୍ୟତରେ ଶୁଭକର୍ମ କରିବାର ପ୍ରେରଣା ଦେଇଥାଏ । ଏହି ପର୍ବରେ ମୂଳରେ ପବିତ୍ର ଭାବନା ଏବଂ ଉଚ୍ଚ ଆଦର୍ଶ ସନ୍ନିହିତ । ଏହି ପବିତ୍ର ଭାବନା ଏବଂ ଉଚ୍ଚ ଆଦର୍ଶର ଅନୁସରଣ କରି ଜୀବନ ଏବଂ ସମାଜକୁ ଉତ୍କୃଷ୍ଟ ଏବଂ ଉନ୍ନତ କରାଯାଇ ପାରେ ।

'ଶ୍ରାବଣ ମାସର ପୂର୍ଣ୍ଣିମା ବଡ ବିଲକ୍ଷଣ ସମୟରେ ଆସିଥାଏ । ବର୍ଷାଋତୁ କାରଣରୁ ଚତୁର୍ଦ୍ଦିଗରେ ସବୁଜିମାର ଗାଲିଚା ବିଛାଇ ଯାଏ । ଆଧାତ୍ମିକ ଉପକ୍ରମ ଆରମ୍ଭ କରିବା ନିମନ୍ତେ ଏହି ସମୟ ପ୍ରତ୍ୟେକ ଦୃଷ୍ଟିରୁ ସର୍ବ ଶ୍ରେଷ୍ଠ । ଶ୍ରାବଣ ମାସରେ କରାଯାଉଥିବା ତପ-ଉପଚାର ବଡ ଫଳ ଦେଇଥାଏ । ତଥାପି ଉପବୀତ ନବୀନୀକରଣ, ଶିଖା ସିଂଚନ, ପ୍ରାୟଶ୍ଚିତ୍ତ ବିଧାନ, ଦେବପୂଜନ, ଋଷିବନ୍ଦନ, ରକ୍ଷା ବନ୍ଧନ ଓ ବୃକ୍ଷରୋପଣ ଏହି ସାତ ପୁଣ୍ୟ କାର୍ଯ୍ୟ ପାଇଁ ଏହା ପ୍ରଚଳିତ । ପ୍ରତ୍ୟେକ କୃତ୍ୟ ପଛରେ ମହତ୍ୱପୂର୍ଣ୍ଣ ଶିକ୍ଷଣ ଲୁଚି ରହିଛି । ଏଥିରୁ ଆମ ସଂସ୍କୃତିର ବିରାଟ ବୈଭବ ଆମକୁ ଦେଖିବାକୁ ମିଳେ ।

## ଟିକିଏ ହସନ୍ତୁ

ପପୁ ଭାରତ ବନ୍ଦ ପାଇଁ ଭାରି ବ୍ୟସ୍ତ ଥିଲା ।
ସିପୁ : ଆରେ କାଲି ଭାରତ ବନ୍ଦ, ହେଲେ ତୁ ଏତେ କ'ଣ ପାଇଁ ଭାବୁଛୁ ?
ପପୁ : କାଲି ଭାରତ କେମିତି ବନ୍ଦ ହେବ, ଇଣ୍ଡିଆ ଗେଟରେ ତ କବାଟ ନାହିଁ ।

× × × ×

ସୋନୁ (ଗର୍ଲଫ୍ରେଣ୍ଡ କୁ) : ତୁ ଚାଇନିଜ ପରି କ'ଣ ପାଇଁ ଦେଖାଯାଉ ?
ଗର୍ଲଫ୍ରେଣ୍ଡ : ମୋ ବାପା ଚୀନର ।
ସୋନୁ : ତୁ କେବେ ଦେଖା କରେଇନୁ ।
ଗର୍ଲଫ୍ରେଣ୍ଡ : ସେ ଏବେ ଆଉ ଏ ଦୁନିଆରେ ନାହାଁନ୍ତି ।
ସୋନୁ : ହଁ ମୁଁ ସେଇଆ ଭାବୁଥିଲି ।
ଚାଇନିଜ୍ ମାଲ୍ ଅଧିକ ଦିନ ପର୍ଯ୍ୟନ୍ତ ରହିବ ବି କେମିତି ।

× × ×

ବୋହୂ : ଶାଶୂ ମା', କାଲି ରାତିରେ ମୋର ତାଙ୍କ ସହିତ ଝଗଡ଼ା ହୋଇଗଲା ।
ଶାଶୂ : ତୁ ବ୍ୟସ୍ତ ହଅନା । ସ୍ୱାମୀ ସ୍ତ୍ରୀଙ୍କ ଭିତରେ ଏମିତି ଝଗଡ଼ା ହୁଏ ।
ବୋହୂ : ହଁ ଠିକ୍ କଥା ଯେ, ହେଲେ ମତେ କୁହନ୍ତୁ ମୁଁ ତାଙ୍କ ଲାସ୍ କୁ କେଉଁଠି ରଖିବି ?



× × × ×

ସ୍ତ୍ରୀ (ଫୋନରେ ସ୍ୱାମୀକୁ)
ତୁମ ଶରୀରର ଧ୍ୟାନ ରଖିବ, ପୁଣି ଯେ ଡେଙ୍ଗୁ ବ୍ୟାପୁଛି ।
ସ୍ୱାମୀ : ମୋର ସବୁ ରକ୍ତ ତ ତୁ ପିଇ ଦେଇଛୁ । ମଶା କ'ଣ ମତେ ରକ୍ତ ଦାନ କରିବାକୁ ଆସିବ ।

× × × × × ×

ଗର୍ଲଫ୍ରେଣ୍ଡ : ଜାନୁ ତୁମେ କ'ଣ ମୋ ପାଇଁ ବାଘକୁ ମାରି ଆଣି ଦେଇ ପାରିବ ।
ବୟଫ୍ରେଣ୍ଡ : ନୋ, ବେବି, ଏୟାକୁ ଛାଡି ତୁମେ ଆଉ ଯାହା କହିବ ମୁଁ ସବୁ କରି ପାରିବି ।
ଗର୍ଲଫ୍ରେଣ୍ଡ : କ'ଣ ମୁଁ ତୁମ ହ୍ୱାଟସଆପ ଚେକ୍ କରିପାରିବି ?
ବୟଫ୍ରେଣ୍ଡ : ଏବେ କୁହ ତୁମେ ଯେଉଁ ବାଘ କଥା କହୁଥିଲ ତାହା କେଉଁଠି ଅଛି ?

ସ୍ୱୀକାର

ବର୍ଷ ୨୫, ସଂଖ୍ୟା-୩୦, ୨୨ - ୨୮ ଅଗଷ୍ଟ ୨୦୨୧

# ଓଡ଼ିଶାର ନ୍ୟାଯ୍ୟ ଦାବି ପ୍ରତି କେନ୍ଦ୍ର ନୀରବ କାହିଁକି ?

ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ପାଳନ କରୁଛି । ଏହାକୁ ଅଧିକ ସ୍ମରଣୀୟ କରିବା ପାଇଁ ଦେଶବ୍ୟାପୀ 'ଆଜାଦୀ କା ଅମୃତ ମହୋତ୍ସବ' କାର୍ଯ୍ୟକ୍ରମ ଆୟୋଜନ ହେଉଛି । ବିଭିନ୍ନ ଭାଷା, ଜାତି, ଅଞ୍ଚଳକୁ ଏକ ସୂତ୍ରରେ ବାନ୍ଧିଛି ଭାରତୀୟତା । କେନ୍ଦ୍ର ରାଜ୍ୟ/ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ସଂଘୀୟ ବ୍ୟବସ୍ଥା ମଧ୍ୟ ବାନ୍ଧି ରଖିଛି । ତେଣୁ ରାଜ୍ୟ ଗୁଡ଼ିକର ବିକାଶ ହିଁ ପରୋକ୍ଷରେ ରାଷ୍ଟ୍ରର ବିକାଶ ରୂପେ ପ୍ରତୀୟମାନ ହୋଇଥାଏ । ହେଲେ ବିଗତ ଦଶନ୍ଧିରେ ଏହି ସଂଘୀୟ ବ୍ୟବସ୍ଥା ଅନ୍ୟ କେତେକ କ୍ଷେତ୍ରରେ ସ୍ୱାଧୀନତା ତଥା ସ୍ୱାୟତ୍ତତା ଦାବିକୁ ଦୃଢ଼ୀଭୂତ କରିଛି । ଓଡ଼ିଶା କ୍ଷେତ୍ରରେ ଦେଖିଲେ ଆର୍ଥିକ ସ୍ୱାୟତ୍ତତା ବର୍ତ୍ତମାନର ସବୁଠୁ ବଡ଼ ଆହ୍ୱାନ ହୋଇଛି ।

ଓଡ଼ିଶାରେ ବିପର୍ଯ୍ୟୟ ନିରନ୍ତର ବିକାଶରେ ବାଧକ ସାଜିଛି । ନିୟମିତ ବିପର୍ଯ୍ୟୟ ମୁକାବିଲା ଆମକୁ ଦକ୍ଷ କରିଛି ସତ ହେଲେ ଆର୍ଥିକ ଦୃଷ୍ଟିରୁ କରିଛି ବହୁ ପରିମାଣରେ କ୍ଷତିଗ୍ରସ୍ତ । ଏହି କାରଣରୁ ଦୀର୍ଘ ଦିନ ଧରି ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପାହ୍ୟା ଦାବି କରାଯାଉଛି । ହେଲେ ଏହାକୁ କେନ୍ଦ୍ର ସରକାର କର୍ଣ୍ଣପାତ କରିନାହିଁ । ଲଗାତର କେନ୍ଦ୍ରୀୟ ଅନୁଦାନ ହ୍ରାସ କରି ରାଜ୍ୟର ଭାଗ ବଢ଼ାଇବା ମଧ୍ୟ ଏକ ଅତିରିକ୍ତ ଚାପ ସୃଷ୍ଟି କରିଛି । ସଂଘୀୟ ବ୍ୟବସ୍ଥାକୁ ସମ୍ମାନ ଦେବା ସହ ସ୍ୱତନ୍ତ୍ର ପାହ୍ୟା ଦାବି ପରେ ସ୍ୱତନ୍ତ୍ର ଫୋକସ ଷ୍ଟେଟ ମାନ୍ୟତା ଦାବି କରାଯାଇଛି । କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ, ସେହି ବର୍ଷ ଠାରୁ ପରବର୍ତ୍ତୀ ୩ ବର୍ଷ ଯାଏ କେନ୍ଦ୍ର ସମସ୍ତ ଯୋଜନାରେ ୯୦ ପ୍ରତିଶତ ଅର୍ଥ ଖର୍ଚ୍ଚ କରିବ । ରାଜ୍ୟ ନିଜ ଅଂଶରୁ ୧୦ ପ୍ରତିଶତ ଯୋଗଦାନ ଦେବ । ଏହି ପ୍ରସ୍ତାବ ମଧ୍ୟ ୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଓଡ଼ିଶା ଦାବି କରି ଆସିଛି । ହେଲେ ଏହା ଉପରେ ବି କେନ୍ଦ୍ର ନୀରବ ରହିଛି । ନିୟମିତ ବ୍ୟବଧାନରେ କୋଇଲା ରୟାଲଟି ସଂଶୋଧନ ହେବା କଥା । ହେଲେ ତାହା ଦୀର୍ଘଦିନ ଧରି ହୋଇନାହିଁ । ଏହି କାରଣରୁ ଓଡ଼ିଶା ହଜାର ହଜାର କୋଟି ଟଙ୍କାର ରାଜସ୍ୱ ହରାଇବାକୁ ଯାଉଛି ।

ଦୀର୍ଘକାଳୀନ ବିପର୍ଯ୍ୟୟ ମୁକାବିଲା ପାଇଁ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ର ନିକଟରେ ମାତ୍ର ୧୫,୦୦୦ କୋଟି ଟଙ୍କାର ପ୍ରସ୍ତାବ ରହିଛି । ଏହି ପ୍ରସ୍ତାବକୁ ଆଧାର କରି କେନ୍ଦ୍ରର ଆନ୍ତରିକତା ସ୍ପଷ୍ଟ ହୋଇ ପାରି ନାହିଁ । ରାଜ୍ୟରେ ରେଳ ସାନ୍ଧ୍ରତା, ଇଣ୍ଟରନେଟ୍ ବ୍ୟବସ୍ଥା ଏବଂ ବ୍ୟାଙ୍କ ଗୁଡ଼ିକର ଉପସ୍ଥିତି ବୃଦ୍ଧି ଦାବି ଏବେ ବି ରାଜ୍ୟ ସରକାରଙ୍କୁ ବାରମ୍ବାର କରିବାକୁ ପଡୁଛି ।

କେଇ ଦଶନ୍ଧିର ପୂର୍ବତଟ ରେଳବାଇ ଆଜି ଦେଶରେ ଏକ ପ୍ରିମିୟର ଜୋନ ଭାବେ ଉଭା ହୋଇଛି । ହେଲେ ନିକଟ ଅତୀତରେ ନିଆଯାଇଥିବା କେତେକ ନିଷ୍ପତ୍ତି ଆମ ରାଜ୍ୟ ସ୍ୱାର୍ଥର ପରିପନ୍ଥୀ ବୋଲି ମନେ ହୋଇଛି । ଓଡ଼ିଶାରୁ ୱାଲଟିୟର ଡିଭିଜନକୁ ଅଲଗା କରି ଆନ୍ଧ୍ର ପ୍ରଦେଶରେ ସ୍ୱତନ୍ତ୍ର ଜୋନ କରାଯାଉଛି । ବାର୍ଷିକ ୨୦,୦୦୦ କୋଟି ଟଙ୍କାର ରାଜସ୍ୱ ଦେଉଥିବା ଜୋନ୍ ଏପରି ବିଭାଜନ କରିବା ରାଜ୍ୟ ସ୍ୱାର୍ଥ ବିରୋଧୀ । ତେଣୁ କେନ୍ଦ୍ର ସରକାର ଯଦି ରାଜ୍ୟ କୈନ୍ଦ୍ରିକ ରେଳବାଇ ଡିଭିଜନ କରିବାକୁ ଯାଉଛନ୍ତି ତେବେ ଅନ୍ୟ ଜୋନରେ ଥିବା ଚକ୍ରଧରପୁର ଏବଂ ଖଡଗପୁରକୁ ପୂର୍ବତନ ରେଳବାଇରେ ମିଶ୍ରଣ କରୁ ବୋଲି ସାଧାରଣରେ ଦାବି ରହିଛି । ହେଲେ ଏହା ଉପରେ କେନ୍ଦ୍ର ଚୁପ୍ ରହିଛି ।

ମହାନଦୀ ଜଳ ବିବାଦ, ପୋଲାଭରମ୍ ବିସ୍ଥାପନ, କୋଟିଆରେ ଆନ୍ଧ୍ରର ଦାଦାଗିରି, ପଶ୍ଚିମବଙ୍ଗ/ ଝାଡଖଣ୍ଡ/ ଛତିଶଗଡ଼ ସହ ସୀମା ବିବାଦ ଆଦି ପ୍ରସଙ୍ଗରେ କେନ୍ଦ୍ର ନୀରବ ରହିବା ଶ୍ରେୟସ୍କର ମଣୁଛି । ଏହି ସବୁ ଆହ୍ୱାନ ସ୍ୱାଧୀନତାର ୭୫ ବର୍ଷ ପରେ ପ୍ରାସଙ୍ଗିକ ହୋଇ ପଡ଼ିଛି ।



## ଗୋହତ୍ୟା

### ମହାତ୍ମା ଗାନ୍ଧୀ

ଗାଈକୁ ରକ୍ଷା କରିବା ପାଇଁ ମୁଁ କଦାପି ଜଣେ ମନୁଷ୍ୟକୁ ହତ୍ୟା କରିବି ନାହିଁ । ଠିକ୍ ସେହିପରି, ମନୁଷ୍ୟ ଜୀବନଟିଏ ଯେତେ ମୂଲ୍ୟବାନ ହୋଇଥିଲେ ମଧ୍ୟ ମୁଁ ତାହାକୁ ରକ୍ଷା କରିବାକୁ ଯାଇ ଗୋଟିଏ ଗାଈକୁ ମଧ୍ୟ କଦାପି ହତ୍ୟା କରିବି ନାହିଁ ।

ମୋ'ର ଧର୍ମ ମୋତେ ଶିକ୍ଷା ଦେଉଛି ଯେ, ମୋର ବ୍ୟକ୍ତିଗତ ଆଚରଣ ଦ୍ୱାରା ହିଁ, ଯେଉଁମାନଙ୍କର ହୁଏତ ଭିନ୍ନ ମତ ରହିଥିବ, ସେମାନଙ୍କର ମନରେ, ଗୋହତ୍ୟା ଗୋଟିଏ ପାପ ଏବଂ ତେଣୁ ତାହାକୁ ପରିତ୍ୟାଗ କରିବା ଉଚିତ ବୋଲି ବିଶ୍ୱାସ ଆଣିଦେବାକୁ ମୁଁ ଚେଷ୍ଟା କରୁଥିବି । ଆଇନ କରି ଆମେ କଦାପି ଗୋହତ୍ୟାକୁ ବନ୍ଦ କରି ପାରିବା ନାହିଁ । ଯଥାର୍ଥ ଜ୍ଞାନ, ଶିକ୍ଷା ଏବଂ ଗୋଜାତି ପ୍ରତି କେବଳ ଏକ କୃପାଭାବ ହିଁ ତାହାର ସମାପ୍ତି ଘଟାଇ ପାରିବ । ଯେଉଁ ପଶୁମାନେ ଜମି ଉପରେ ବୋଝ ହୋଇ ରହିଛନ୍ତି । ଏପରିକି ଯଦି ମନୁଷ୍ୟ ମଧ୍ୟ ସେହିପରି ଗୋଟିଏ ବୋଝ ହୋଇ ରହିଛି । ତେବେ ସେହି ପଶୁମାନଙ୍କୁ ଅଥବା ସେହି ମନୁଷ୍ୟକୁ ରକ୍ଷା କରିବା ଆଦୌ ସମ୍ଭବ ହେବ ନାହିଁ । ସମଗ୍ର ପୃଥିବୀରେ ଗୋରକ୍ଷଣର ନୀତିଟି ପ୍ରତିଷ୍ଠିତ ନ ହେବା ପର୍ଯ୍ୟନ୍ତ ମୋ'ର ଉଚ୍ଚାଶା ମଧ୍ୟ କଦାପି ସନ୍ତୋଷ ଲାଭ କରିବ ନାହିଁ । ମାତ୍ର, ମୁଁ ମୋ ନିଜ ଘରଟିକୁ ସର୍ବପ୍ରଥମେ ଅବଶ୍ୟ ସଜାଡିବି, ସେଥିଲାଗି ଏହା ଏକାନ୍ତ ଆବଶ୍ୟକ ।

ଗୋରକ୍ଷଣ କହିଲେ ମୁଁ କେବଳ ଗୋଜାତିର ହିଁ ରକ୍ଷଣକୁ ବୁଝେ ନାହିଁ । ଏହି ପୃଥିବୀରେ ଯାହା କିଛି ଜୀବନଧାରଣ କରି ରହିଛି ଏବଂ ଅସହାୟ ତଥା ଦୁର୍ବଳ ହୋଇ ରହିଛି । ଏହା ସେହି ସମସ୍ତଙ୍କର ସୁରକ୍ଷାକୁ ବୁଝାଇବ ।

ମାତ୍ର, ମୁଁ ଆଉଥରେ ମଧ କହି ଦେଉଛି ଯେ, ଆଇନ ଦ୍ୱାରା ନିଷେଧଗୁଡ଼ିକର ପ୍ରଣୟନ କରିବା ହେଉଛି ଗୋରକ୍ଷଣର ଯେକୌଣସି କାର୍ଯ୍ୟକ୍ରମରେ ସବୁଠାରୁ ଗୋଟିଏ କ୍ଷୁଦ୍ର ଅଂଶ । ଲୋକମାନେ ଏପରି ଭାବୁଥିଲା ପରି ବୋଧ ହେଉଛି ଯେ କୌଣସି ମନ୍ଦ ବିରୋଧରେ ଆଇନଟାଏ ପାସ୍ କରିଦେଲେ, ତାହା ଆପେ ଆପେ ଲୁପ୍ତ ହୋଇଯିବ ଓ ଆମକୁ ଆଉ କୌଣସି ଚେଷ୍ଟା କରିବାକୁ ପଡ଼ିବ ନାହିଁ । ଏହାଠାରୁ ବଳି ଶୁଦ୍ଧ ଆତ୍ମପ୍ରବଞ୍ଚନା ଆଉ କିଛି ନାହିଁ । ଏକ ଅଜ୍ଞାନ ଅଥବା କ୍ଷୁଦ୍ର ମନ୍ଦମତି ସଂଖ୍ୟାଲଘୁ ଭାଗଟି ପାଇଁ ହିଁ ଆଇନ ପ୍ରଣୟନ ଉଦ୍ଦିଷ୍ଟ ହୋଇ ରହିଥାଏ ଏବଂ ଫଳପ୍ରଦ ମଧ ହୁଏ, ମାତ୍ର ଯେଉଁ ଆଇନପ୍ରଣୟନକୁ ଏକ ବୁଦ୍ଧି ସମ୍ପନ୍ନ ତଥା ସୁସଂଗଠିତ ସାଧାରଣ ଜନମତ ବିରୋଧ କରୁଥାଏ, ଅଥବା, ଏକ ଧର୍ମାନ୍ଧ ସଂଖ୍ୟାଲଘୁ ପକ୍ଷ ଧର୍ମର ଦ୍ୱାହି ଦେଇ ଯାହା ବିରୋଧରେ ଯାଉଥାଏ ସେହି କ୍ଷେତ୍ରରେ ଆଇନ ପ୍ରଣୟନ କଦାପି ସଫଳ ହୋଇ ପାରିବ ନାହିଁ ।

ଗୋରକ୍ଷଣର ସମସ୍ୟାଟିକୁ ମୁଁ ଯେତିକି ଅଧିକ ପରିମାଣରେ ଅଧ୍ୟୟନ କରୁଛି, ମୋ ଭିତରେ ସେତିକି ଅଧିକ ଦୃଢ଼ ବିଶ୍ୱାସ ହୋଇ ଯାଉଛି ଯେ ମୁଁ ପ୍ରସ୍ତାବ ଆକାରରେ ଦେଇଥିବା ମାର୍ଗରେ ହିଁ ଅବିରାମ ଓ ସ୍ଥାୟୀ ଭାବରେ ରଚନାତ୍ମକ ପ୍ରୟାସ କରାଯାଇ ପାରିଲେ ଗାଈ ଓ ତା'ର ବଂଶଧରମାନଙ୍କର ସୁରକ୍ଷା ସମ୍ଭବ ହେବ ।

ଗୋଧନର ସୁରକ୍ଷା ହେଉଛି ଗୋ ସେବାର ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ । ଭାରତ ବର୍ଷ ପାଇଁ ଏହା ହେଉଛି ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । ଏହି କ୍ଷେତ୍ରରେ ଗଭୀର ଅଧ୍ୟୟନ ଓ ଏକ ତ୍ୟାଗ ଭାବନାର ତୁରନ୍ତ ଆବଶ୍ୟକତା ରହିଛି । ଗୁଡ଼ାଏ ଟଙ୍କା ଜମା କରି ତାହାକୁ ଦୟାରେ ଅଳ୍ପ ଅଳ୍ପ କରି ଦାନ କରିବା ଯଥାର୍ଥ ବ୍ୟାବସାୟିକ ସାମର୍ଥ୍ୟର କୌଣସି ପରିଚୟ ଦିଏନାହିଁ । କିପରି ଗାଈର ସୁରକ୍ଷା କରିବାକୁ ହୁଏ ସେକଥା ଜାଣିବା, ଲକ୍ଷ ଲକ୍ଷ ଜନଗଣଙ୍କୁ ସେହି ବିଷୟରେ ଅବଗତ କରାଇବା, ସ୍ୱୟଂ ସେହି ଆଦର୍ଶର ଅନୁରୂପ ଜୀବନ ବଞ୍ଚିବା ଏବଂ ଏହି ଉଦ୍ୟମଟି ପାଇଁ ପଇସା ଖରଚ କରିବା ତାହାକୁ ହିଁ ଅସଲ ବ୍ୟାବସାୟିକା ବୁଦ୍ଧି ବୋଲି କୁହାଯିବ ।

ଯେତେଦୂର ଯାଏ ଗୋରକ୍ଷଣର ଶୁଦ୍ଧ ଅର୍ଥନୈତିକ ଆବଶ୍ୟକତାଟିର ପ୍ରଶ୍ନ ଉଠୁଛି, କେବଳ ସେହି ଭୂମିଟି ଉପରେ ପ୍ରଶ୍ନଟିର ବିଚାର କରିପାରିଲେ ତାହା ଅତି ସହଜରେ ସମ୍ଭବ ହୋଇଯିବ । ସେପରି ହେଲେ, ପଡ଼ିଆ ହୋଇ ଯାଇଥିବା ଖର୍ଚ୍ଚ ତୁଳନାରେ ଅଳ୍ପ କ୍ଷୀର ଦେଉଥିବା, ବୁମ୍ବା ଓ ଅଯୋଗ୍ୟ ହୋଇ ଯାଇଥିବା ଗାଈମାନଙ୍କୁ ତତକ୍ଷଣାତ୍ ମାରି ଦିଆଯିବ । ଭାରତ ବର୍ଷରେ ଏହି ନିର୍ଦ୍ଦୟ ଓ ଭାବଶୂନ୍ୟ ଅର୍ଥନୀତି ଲାଗି ଆଦୌ ସ୍ଥାନ ନାହିଁ । ଅବଶ୍ୟ ଏକଥା ସତ ଯେ, ନାନା ବିରୋଧାଭାସରେ ପୂର୍ଣ୍ଣ ଏହି ଦେଶର ଅଧିବାସୀମାନେ ନାନାବିଧ ଭାବଶୂନ୍ୟ କାର୍ଯ୍ୟ କରିବାର ଅପରାଧରେ ହୁଏତ ଅପରାଧୀ ହୋଇ ପାରନ୍ତି ଏବଂ ପ୍ରକୃତରେ ଅପରାଧୀ ହୁଅନ୍ତି ।

## ସପେଟା ଖାଇ ସୁସ୍ଥ ରୁହନ୍ତୁ

ସପେଟାରେ ଫାଇବରର ମାତ୍ରା ବେଶୀ ଥିବାରୁ ତାହା କୋଷ୍ଠକାଠିନ୍ୟକୁ ଦୂର କରିବା ସହ ପାଚନକ୍ରିୟା ମଜଭୁତ କରିଥାଏ । ଭିଟାମିନ୍ ଏ, ସି ଓ ଇ ରେ ଜଡ଼ିତ ଥିବା ଅନେକାଂଶ ରୋଗରୁ ଏହା ରକ୍ଷା କରିଥାଏ । ଯାହାକି ଭିଟାମିନ୍-ଏ ଆଖି ପାଇଁ ଲାଭକାରୀ ହେବାବେଳେ ଭିଟାମିନ୍-ସି' ରୋଗ ପ୍ରତିରୋଧକ ଶକ୍ତିକୁ ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହି ଫଳରେ ପାଣିର ମାତ୍ରା ପ୍ରଚୁର ରହିଥାଏ ତେଣୁ ଏହି ଫଳକୁ ଖାଇଲେ ଶରୀରରେ ପାଣିର ଅଭାବ ଦେଖା ଦେଇ ନ ଥାଏ । ଏଥିରେ ଥିବା କ୍ୟାଲସିୟମ୍, ଫାଇବର ଏବଂ ଆଇରନ୍ ପ୍ରଚୁର ପରିମାଣ ଥିବା ଯୋଗୁଁ ଏହା ହାଡ଼କୁ ମଜଭୁତ କରିବାରେ ସାହାଯ୍ୟ କରିଥାଏ ।



## ଆଜମା ଆର୍ଥ୍ରାଇଟିସରୁ ରକ୍ଷାକରେ ଅଖରୋଟ

ସ୍ମୃତି ଶକ୍ତି ବୃଦ୍ଧି ପାଇଁ ଅଖରୋଟ ବହୁତ ଭଲ । ହେଲେ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ଅଖରୋଟ ଏକ ମହୌଷଧି ଭଳି । ଡାକ୍ତରଙ୍କ ମତରେ ଏଥିରେ ଆଲ୍ଫା ଲିପୋଇକ ଏସିଡ ରହିଥାଏ, ଯାହା ବହୁ ଉପଯୋଗୀ ତତ୍ତ୍ୱ । ଶାକାହାରୀ ଲୋକଙ୍କ ପାଇଁ ଅଖରୋଟ ପ୍ରାକୃତିକ ବରଦାନ । ଏହାକୁ ବିଭିନ୍ନ ପ୍ରକାରେ ଖାଦ୍ୟରେ ସାମିଲ କରି ପାରନ୍ତି । ଯେମିତି ସାଲାଡ ସହିତ, ପାସ୍ତା, ଡିପ୍ସ, ସ୍ପ୍ରେଡ ଏବଂ ଆଇସକ୍ରିମ୍ ଏବଂ ବ୍ରାନି ସହିତ ଏହାକୁ ସହଜରେ ଉପଯୋଗ କରାଯାଇପାରେ । ଦେହ ପାଇଁ ଅଖରୋଟ ବହୁତ ଭଲ । ଅଖରୋଟରେ ଫାଇବର୍ସ, ଭିଟାମିନ୍ ବି, ମ୍ୟାଗ୍ନେସିୟମ ଏବଂ ଆଣ୍ଟିଅକ୍ସିଡାଣ୍ଟ ଅଧିକ ମାତ୍ରାରେ ରହିଥାଏ । ଏହା କେଶ ଏବଂ ତ୍ୱଚାକୁ ସୁସ୍ଥ ରଖିଥାଏ । ଅଖରୋଟରେ ଓମେଗା ୩ ଫ୍ୟାଟି ଏସିଡ ରହିଥାଏ । ଏହା ଆଜମା, ଆର୍ଥ୍ରାଇଟିସ୍, ସ୍କିନ୍ ପ୍ରୋବ୍ଲେମ୍, ଏକଜିମା ଏବଂ ସୋରିଆସିସ୍ ଭଳି ରୋଗରେ ସୁରକ୍ଷା ପ୍ରଦାନ କରିଥାଏ । ପ୍ରତିଦିନ ୨ ଟି ଅଖରୋଟ ଖାଆନ୍ତୁ ବହୁତ ଫାଇଦା ମିଳିବ । ଅଖରୋଟ ଖାଇଲେ ହାଡ଼ ମଜବୁତ ହୋଇଥାଏ । ଏହା ମଧ ଦାନ୍ତ ପାଇଁ ବହୁତ ଭଲ । ଡେଣ୍ଟିଷ୍ଟ ମଧ ସୁସ୍ଥ ଦାନ୍ତ ପାଇଁ ନିୟମିତ ଅଖରୋଟ ଖାଇବାକୁ ପରାମର୍ଶ ଦେଇଥାନ୍ତି । ସବୁଠୁ ବଡ଼ କଥା ହେଲା ନିକଟରେ କରାଯାଇଥିବା ଏକ ଗବେଷଣାରୁ ଜଣାଯାଇଛି ବାଦାମ ଏବଂ ଅଖରୋଟ ଆନ୍ତ୍ର କ୍ୟାନସରର ଆଶଙ୍କାକୁ ୫୭ ପ୍ରତିଶତ କମ୍ କରିଥାଏ ।



## ଅଂଶୁଘାତର ଆଶୁ ଚିକିତ୍ସା

ଖରାଦିନେ ବାହାରକୁ ଯାଉଥିବା ଲୋକଙ୍କୁ ଅଧିକ ଅଂଶୁଘାତ ହେବାର ଆଶଙ୍କା ରହିବା ସହ ପ୍ରବଳ ଜ୍ୱର ଓ ବାନ୍ତି ମଧ ହୋଇପାରେ । ଏହାଛଡ଼ା ଶରୀରରେ ଜଳୀୟ ଅଂଶ ମଧ କମି ଯାଏ । ଏହା ଯୋଗୁଁ ମୁଣ୍ଡବ୍ୟଥା, ମୁଣ୍ଡ ବୁଲେଇବା, ହାତଗୋଡ଼ ଥରିବା ଓ ଦୁର୍ବଳ ଲାଗିବା ଭଳି ଲକ୍ଷଣ ଦେଖା ଦେଇଥାଏ । ପିଆଜ ରସକୁ ହାତରେ ଓ ପାଦ ତଳେ ମାଲିସ କରିବା ଉଚିତ । ତମ୍ବା ଥାଳିରେ ଥଣ୍ଡା ପାଣି ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଛାତି ଓ ପେଟ ଉପରେ ରଖିବା ଦ୍ୱାରା ଉପଶମ ମିଳିଥାଏ । ଲୁଣକୁ ନାହିରେ ରଖି ଲୁଣ ନ ମିଶିବା ଯାଏଁ ଥଣ୍ଡା ପାଣି ତା' ଉପରେ ଢ଼ାଳିଲେ ଏଥିରୁ ମୁକ୍ତି ମିଳିଥାଏ । ସୂତା କପଡ଼ାକୁ ଥଣ୍ଡା ପାଣିରେ ଓଦା କରି ଶରୀରର ମସାଜ୍ କରିବା ଉଚିତ୍ ।

## ଭିଟାମିନ୍‌ରେ ଭରପୁର ଆତ

ଖରାଦିନେ ବାଡିବଗିଚା ସହ ବଜାରରେ ମିଳୁଥିବା ସୁସ୍ୱାଦୁ ଫଳଟିଏ ଆତ । ଏହାକୁ ପାଚିଲା ଅବସ୍ଥାରେ ତୋଳି ଚାଉଳ ବସ୍ତାରେ ରଖିଦେଲେ ବି ପାଚିଯାଏ । ଗାଉଁଲି ଫଳ ହୋଇଥିଲେ ସୁଦ୍ଧା ସହରରେ ଏବେ ଏହାର ଆଦର ବଢ଼ି ଯାଇଛି । ସୀତାଫଳ ବୋଲି ପରିଚିତ ଏହି ଫଳର ସ୍ୱାସ୍ଥ୍ୟ ଉପକାରିତା ଖୁବ୍ ଅଧିକ । ଶରୀରର ଏପରି କୌଣସି ଭାଗ ନ ଥିବ ଯେଉଁଠାରେ ଏହାର ଲାଭ ମିଳିବ ନାହିଁ । ଏହା ବାତ, ପିତ୍ତ, ଶାନ୍ତ ରଖିବା ସହ ପୁଷ୍ଟିକର ତଥା ବଳବର୍ଦ୍ଧକ ।

➢ ଏହା ଓଜନ ବଢ଼ାଇବାରେ ଖୁବ୍ ଉପକାରୀ । ଅନେକ ଲୋକ ଏତେ ଦୁର୍ବଳ ଏବଂ ପତଳା ଥାନ୍ତି ଯେ, ଓଜନ ବଢ଼ାଇବାର ସବୁପ୍ରକାର ଉପାୟ କରି ଥକିପଡ଼ନ୍ତି ପଛେ କିଛି ଲାଭ ହୁଏ ନାହିଁ । ଏପରି ସ୍ଥଳେ ଆତକୁ ଖାଦ୍ୟ ତାଲିକାରେ ସାମିଲ କରନ୍ତୁ । ଖୁବ୍ ଶୀଘ୍ର ନିଜ ଇଚ୍ଛାନୁସାରେ ଫିଗର ପାଇ ପାରିବେ ।

➢ ଆତରେ ପ୍ରାକୃତିକ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ସି' ପ୍ରଚୁର ପରିମାଣରେ ଥାଏ । ଏହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ପାରୁଥିବାରୁ ଦିନକୁ ଥରେ ଆତ ଖାଇବା ସବୁ ରୋଗରୁ ମୁକ୍ତ ରଖିପାରିବ ।

➢ ଏଥିରେ ମଧ ଭିଟାମିନ୍ ବି' କମ୍ପ୍ଲେକ୍ସ ପର୍ଯ୍ୟାପ୍ତ ପରିମାଣରେ ଚାଲିଛି । ତେଣୁ ଏହା ମସ୍ତିଷ୍କ ଶୀତଳ ରଖେ । ଆତ ଖାଇବା ଚିଡ଼ଚିଡ଼ା ସ୍ୱଭାବରୁ ଦୂରେଇ ମାନସିକ ଶାନ୍ତି



ଦେଇପାରେ ।

➢ ଦାନ୍ତ ଏବଂ ମାଢ଼ିରେ ହେଉଥିବା ଯନ୍ତ୍ରଣାରୁ ମଧ ଆତ ଖାଇବା ମୁକ୍ତି ଦେଇଥାଏ ।

➢ ରକ୍ତହୀନତା ବା ଏନିମିଆ ଦୂରେଇବାରେ ଆତର ଭଲ ଭୂମିକା ରହିଛି । ପ୍ରତିଦିନ ଆତ ଖାଇଲେ ରକ୍ତହୀନତା ଦୂର ହେବା ସହ ବାନ୍ତି ହେଉଥିଲେ ବି ଭଲ ହୋଇଯାଏ ।

➢ ଭିଟାମିନ୍ ସି ଏବଂ ରାଇବୋଫ୍ଲୋବିନ୍ ଏଥିରେ ଅଧିକ ଥିବାରୁ ଏହା ଦୃଷ୍ଟିଶକ୍ତି ସୁସ୍ଥ ରଖେ ।

➢ ଏଥିରେ ଥିବା ମ୍ୟାଗ୍ନେସିୟମ୍ ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରଖିବା ସହ ଆଣ୍ଠୁଗଣ୍ଠିରେ ହେଉଥିବା ଏସିଡରୁ ମୁକ୍ତ ରଖେ । ଏହି ଏସିଡ୍ ଗଣ୍ଠିରୋଗର ମୁଖ୍ୟ କାରଣ ହୋଇଥିବାରୁ ଆତ ଏଥିରୁ ସୁରକ୍ଷା ଦିଏ ।

➢ ଆତରେ ବି ସୋଡିୟମ୍ ଏବଂ ପଟାସିୟମ୍ ସନ୍ତୁଳିତ ମାତ୍ରାରେ ରହିଛି । ତେଣୁ ଏହା ରକ୍ତପ୍ରବାହ ନିୟନ୍ତ୍ରଣ କରିଥାଏ ।

➢ ଶରୀରର ଶର୍କରାସ୍ତର ମଧ ନିୟନ୍ତ୍ରଣରେ ରଖିପାରେ ଆତ ।

➢ ଆତର ମଞ୍ଜିକୁ ଛେଳିକ୍ଷୀର ସହିତ ବାଟି ମୁଣ୍ଡରେ ଲଗାଇଲେ କେଶ ଝଡ଼ିବାରେ ବେଶ୍ ଲାଭ ମିଳିଥାଏ ।

## ହାଡ଼କୁ ସବଳ କରେ ଦହି

ଓଷ୍ଟିଓପୋରୋସିସ୍ କ୍ରୋନିକ୍ ହେଲେ ହାଡ଼ ଅତ୍ୟନ୍ତ ଦୁର୍ବଳ ହୋଇଯାଇଥାଏ । ଏହା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା । ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନ୍ ଡେନସିଟିରେ ପ୍ରଭାବ ପକାଇଥାଏ । ପ୍ରତ୍ୟେକ ଭାରତୀୟଙ୍କ ଘରେ ଦହି ଏକ ସାଧାରଣ ଖାଦ୍ୟ । ଏହା କ୍ୟାଲସିୟମର ଏକ ଉଚ୍ଚମାନର ସ୍ରୋତ । ଏଥି



ସହିତ ପାକସ୍ଥଳୀ ସମ୍ବନ୍ଧୀୟ ସମସ୍ୟା ଓ ପାଚନ କ୍ରିୟାରେ ମଧ ଆଶ୍ଚର୍ଯ୍ୟଜନକ ଭାବେ କାର୍ଯ୍ୟ କରିଥାଏ । କିନ୍ତୁ ବୟସ୍କ ଲୋକଙ୍କ ଠାରେ ଏହା ଓଷ୍ଟିଓପୋରୋସିସ୍ ହ୍ରାସ କରିବାରେ ମଧ ସାହାଯ୍ୟ କରିଥାଏ ବୋଲି ଏକ ନୂତନ ରିସର୍ଚ୍ଚରୁ ଜଣାପଡିଛି । ଆୟାର୍ଲଲ୍ୟାଣ୍ଡ ଡବଲଇନର ଟ୍ରିନିଟି କଲେଜ୍ ପକ୍ଷରୁ ହୋଇଥିବା ଏକ ସର୍ବେକ୍ଷଣରୁ ଜଣାପଡିଛି ଖାଦ୍ୟରେ ଦହି ପରିମାଣ ବୃଦ୍ଧି କଲେ ହିପ୍ ବୋନର ଘନତ୍ୱ ବଢ଼ିଥାଏ । ହାଡ଼ର ଶକ୍ତି କମିଗଲେ ଓଷ୍ଟିଓପୋରୋସିସ୍ ରୋଗ ହୋଇଥାଏ । ୩୦ ବର୍ଷ ପରେ କ୍ୟାଲସିୟମ୍ ଶରୀରରୁ ହ୍ରାସ ପାଇବା ଆରମ୍ଭ ହୋଇଥାଏ । ଏହି ସର୍ବେକ୍ଷଣରୁ ଜଣାପଡିଛି ମହିଳାମାନେ ଖାଦ୍ୟରେ ଦହି ପରିମାଣ ଏକ ୟୁନିଟ୍ ବୃଦ୍ଧି କଲେ ଓଷ୍ଟଇଓପେନିଆ ସ୍ଥିତି ଆଶଙ୍କା ୩୦ ପ୍ରତିଶତ ହ୍ରାସ ପାଇବା ସହ ଓଷ୍ଟିଓପୋରୋସିସ୍ ଆଶଙ୍କା ୩୯ ପ୍ରତିଶତ ହ୍ରାସ ପାଇଥାଏ । ଆଉ ପୁରୁଷମାନଙ୍କ କ୍ଷେତ୍ରରେ ଓଷ୍ଟିଓପୋରୋସିସ୍ ଆଶଙ୍କା ୫୨ ପ୍ରତିଶତ ହ୍ରାସ ପାଇଥାଏ ।

## ସବୁ ରୋଗ ଦୂରକାରୀ ବେଲ

ସବୁ ପ୍ରକାର ରୋଗ ଦୂର କରିବା ପାଇଁ ବେଲର ଏକ ଚମତ୍କାର ଗୁଣ ରହିଛି । ସେଥିପାଇଁ ବେଲକୁ ଶ୍ରୀଫଳ ବୋଲି କୁହାଯାଏ । ପେଟ ରୋଗ ପାଇଁ ଏହା ଅବ୍ୟର୍ଥ ଔଷଧ ।

ନା ଳ ଝା ଡ଼ା ।



ବହୁଦିନ ଧରି ହେଉଥିଲେ କଞ୍ଚା ବେଲକୁ କୋରି ଖରାରେ ସୁଖାଇ ଦିଅନ୍ତୁ । ପ୍ରାୟ ୮/୧୦ ଦିନ ଭଲଭାବେ ଶୁଖିଗଲେ ତା'ର ପାଉଡ଼ର ବନାଇ ଖାଦ୍ୟ ଗ୍ରହଣର ୧୦/୧୫ ମିନିଟ୍ ପରେ ଅଧା ଚାମଚ ଖାଆନ୍ତୁ । ଏହିପରି ୧୦/୧୫ ଦିନ ସେବନ କଲେ ପେଟ ଗୋଳମାଳ ଭଲ ହୋଇଯାଇଥାଏ ।

ନାଳରକ୍ତ ଝାଡ଼ା, କୋଷ୍ଠକାଠିନ୍ୟ, ପେଟଫମ୍ପା, ଭୋକ ନହେବା, କୃମିହେବା ଇତ୍ୟାଦି ପାଇଁ କଞ୍ଚା ବେଲକୁ ଫଟାଇ ପୋଡି କିମ୍ବା ସିଝାଇ ଦିଅନ୍ତୁ । ସକାଳେ ମଳତ୍ୟାଗ ପରେ ଏହାକୁ ସର୍ବତ ନଚେତ୍ ଆଙ୍ଗୁଠି ସାହାଯ୍ୟରେ ଚାଟି କରି ଖାଇଲେ, ପେଟର କୃମିଦୋଷ ସହ ସବୁ ପ୍ରକାର ରୋଗ ଭଲ ହୋଇଥାଏ ।

ବେଲ ପତ୍ରକୁ ପ୍ରତ୍ୟେକ ଦିନ ୫ ଟି ଲେଖାଏଁ ବାଟି କିମ୍ବା ଚୋବାଇ ସେବନ କଲେ ସୁନ୍ଦର ସ୍ୱାସ୍ଥ୍ୟ ହୁଏ ।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ବିଟ୍

ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ବିଟ୍ । ଏଥିରେ ଯଥେଷ୍ଟ କାର୍ବୋହାଇଡ୍ରେଟ୍ ଥିବା ବେଳେ ପ୍ରୋଟିନ୍ କମ୍ ମାତ୍ରାରେ ଥାଏ । ପନିପରିବାର ଜୁସ୍ ମଧରେ ଏହାର ଜୁସ୍ ବେଶ ସ୍ୱାଦଯୁକ୍ତ । ଏହା ପ୍ରାକୃତିକ ଶର୍କରାରେ ଭରପୂର । ଏଥିରେ ସୋଡିୟମ୍, ପୋଟାସିୟମ୍, ଫସ୍‌ଫରସ୍, କ୍ୟାଲସିୟମ୍, ସଲଫର୍, କ୍ଲୋରିନ୍, ଆୟୋଡିନ୍, ଆଇରନ୍, ଭିଟାମିନ୍ -ବି୧, ବି୨, ଭିଟାମିନ୍ ସି' ମଧ ଉପଲବ୍ଧ । ଏଥିରେ କ୍ୟାଲୋରି ଖୁବ୍ କମ୍ ରହିଛି । ଏହାର ଜୁସ୍ ଅନେକ ରୋଗର ଉପଚାର କରିଥାଏ । ସାଲାଡ୍ କରି ଖାଇବା ଦ୍ୱାରା ମଧ ଲାଭ ମିଳିଥାଏ ।

ରକ୍ତ ଶର୍କରାର ସ୍ତରକୁ ହ୍ରାସ କରିଥାଏ ବିଟ୍ । ଏଥିରେ ରହିଛି ନାଇଟ୍ରେଟ୍‌ସ୍ । ଏହାକୁ ଖାଇବା ଦ୍ୱାରା ଏହା ଆଉ ଏକ ନାଇଟ୍ରିକ୍ ଅକ୍ସାଇଡରେ ପରିବର୍ତ୍ତିତ ହୋଇଯାଏ । ଏହି ଦୁଇ ତତ୍ତ୍ୱ ଧମନୀକୁ ପ୍ରସାରିତ କରିବା ସହ ରକ୍ତଚାପକୁ କମ୍ କରିବାରେ ସହାୟକ ହୋଇଥାଏ । ଗବେଷକଙ୍କ ମତରେ ଦୈନିକ ବିଟ୍ ଖାଇବା ଦ୍ୱାରା ଛ' ଘଣ୍ଟାରେ ବ୍ୟକ୍ତିର ରକ୍ତଚାପ ହ୍ରାସ ପାଏ ।

ଏହା ଖରାପ କୋଲେଷ୍ଟରଲକୁ ହ୍ରାସ କରିଥାଏ । ଏଥିରେ ବହୁ ମାତ୍ରାରେ ଫାଇବର୍, ଫ୍ଲେବୋନଏଡସ ଏବଂ ବିଟାସା ଏନିନ୍ ଉପଲବ୍ଧ । ଏହାକୁ ମଧ ଶକ୍ତିଶାଳୀ ଆଣ୍ଟିଅକ୍ସିଡାଣ୍ଟ ଭାବେ ବିବେଚନା କରାଯାଏ । ବିଟ୍ ହୃଦରୋଗର ସମ୍ଭାବନାକୁ ହ୍ରାସ କରେ ।

ବିଟରେ ଫୋଲିକ୍ ଏସିଡ୍ ଭରପୂର ମାତ୍ରାରେ ରହିଛି । ଗର୍ଭବତୀ ମହିଳା ଏବଂ ତା'ର ଗର୍ଭସ୍ଥ ଶିଶୁ ପ୍ରତି ଏହି ପୋଷକ ତତ୍ତ୍ୱର ଅନେକ ଆବଶ୍ୟକତା ରହିଛି । ଗର୍ଭବତୀ ମହିଳାଙ୍କ ଆନ୍ତଃଶକ୍ତିର ବିକାଶ ଏବଂ ଗର୍ଭସ୍ଥ ଶିଶୁର ମେରୁଦଣ୍ଡ ତିଆରିରେ ଏହା ସହାୟକ କରିଥାଏ ।

ଏଥିରେ ଥିବା ମିନେରାଲ 'ସିଲିକା' କ୍ୟାଲସିୟମ୍‌କୁ ଶରୀର ଉପଯୋଗୀ କରାଇଥାଏ । ଦାନ୍ତ ଏବଂ ହାଡ଼କୁ ମଜଭୁତ କରିବା ପାଇଁ କ୍ୟାଲସିୟମ୍‌ର ଆବଶ୍ୟକତା କଥା ସମସ୍ତେ ଜାଣନ୍ତି । ତେଣୁ ପ୍ରତିଦିନ ଗୋଟିଏ ଗ୍ଲାସ ବିଟ୍ ରସ ପିଇବା ଦ୍ୱାରା ଅଷ୍ଟିଓପୋରୋସିସ୍ ଏବଂ ଅନ୍ୟାନ୍ୟ ଅସ୍ଥିଜନିତ ସମସ୍ୟାରୁ ରକ୍ଷା ମିଳେ ।



ମଧୁମେହରେ ପୀଡିତ ବ୍ୟକ୍ତି ବିଟ୍ ଖାଇ ମିଠା ପ୍ରତି ଥିବା ଆକର୍ଷଣକୁ ମେଣ୍ଟାଇ ପାରନ୍ତି । ଗୋଟେପଟେ ଏହା ମିଠା ପ୍ରତି ଥିବା ଆକର୍ଷଣକୁ ପୂରଣ କରୁଥିବା ବେଳେ ଅନ୍ୟପଟେ ରକ୍ତଶର୍କରା ସ୍ତରକୁ ନିୟନ୍ତ୍ରିତ କରିଥାଏ । ଏହା କମ୍ କ୍ୟାଲୋରିଯୁକ୍ତ ହେବା ସହ ଫ୍ୟାଟ୍ ଫ୍ରି ହୋଇଥିବାରୁ ମଧୁମେହ ପୀଡିତଙ୍କ ପାଇଁ ଉପଯୋଗୀ ।

ବିଟ୍‌ର ରଙ୍ଗ ଲାଲ୍ ହୋଇଥିବାରୁ ଏହାକୁ ଖାଇବା ଦ୍ୱାରା ରକ୍ତାଭାବ ଦୂର ହୁଏ ବୋଲି ଏକ ବିଶ୍ୱାସ ରହିଛି । ତେବେ ଏହା ସଂପୂର୍ଣ୍ଣ ଅସତ୍ୟ ନୁହେଁ । କଥାଟି ହେଲା ବିଟରେ ଯଥେଷ୍ଟ ଆଇରନ୍ ଥିବାରୁ ଶରୀରରେ ହେମୋଗ୍ଲୋବିନ୍ ସୃଷ୍ଟି କରିଥାଏ । ତେଣୁ ରକ୍ତହୀନତା ଭୋଗୁଥିବା ରୋଗୀ ଏହାକୁ ନିୟମିତ ଖାଇବା ଦ୍ୱାରା ଲାଭ ପାଇ ପାରିବ ।

ଆମେରିକାନ୍ ଡାଇବେଟିକ୍ସ ଆସୋସିଏସନର ଏକ ବୈଠକରେ ବିଟ୍ ଶକ୍ତି ବୃଦ୍ଧି କରିଥାଏ' ବୋଲି ମତ ପ୍ରକାଶ ପାଇଥିଲା । ଏହାର ନାଇଟ୍ରେଟ୍ ତତ୍ତ୍ୱ ଧମନୀକୁ ସଙ୍କୁଚିତ ହେବାକୁ ଦିଏ ନାହିଁ । ଏହାଦ୍ୱାରା ଶରୀରର ପ୍ରତ୍ୟେକ ଅଂଶକୁ ଅକ୍ସିଜେନ୍ ଠିକ୍ ଭାବରେ ପହଞ୍ଚି ପାରିଥାଏ ତେଣୁ ଶରୀରର ଶକ୍ତିକୁ ଏହା ବୃଦ୍ଧି କରିଥାଏ । ଏହାବାଦ୍ ଏଥିରେ ଥିବା ଆଇରନ୍ ଶରୀରକୁ ସାମର୍ଥ୍ୟରେ ଭରିଦିଏ ।

ବିଟରେ ଥିବା ବିଟାସାୟାନିନ୍ ତତ୍ତ୍ୱ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ । ହାଭାର୍ଡ ୟୁନିଭର୍ସିଟିର ଏକ ଅଧ୍ୟୟନରୁ ଜଣାଯାଇଛି, ସ୍ତନ କର୍କଟ ରୋଗୀ ବିଟ୍ ଖାଇବା ଦ୍ୱାରା ଟ୍ୟୁମର ବଢୁଥିଲେ ତାହାର ଗତି ୧୨.୫ ପ୍ରତିଶତ ହ୍ରାସ ପାଏ । ଏଥିରୁ ମିଳୁଥିବା ଫାଇବର ପାଇଁ ଏହାକୁ ଏକ ରେଚକ ଔଷଧି ଭାବେ ବ୍ୟବହାର କରାଯାଏ । ଏହା କୋଷ୍ଠକାଠିନ୍ୟକୁ ହଟାଇ ପେଟକୁ ସଫା କରିଦିଏ ।

ବିଟ୍ ଖାଇବା ଦ୍ୱାରା ମସ୍ତିଷ୍କକୁ ଯଥେଷ୍ଟ ଅକ୍ସିଜେନ୍ ମିଳି ପାରିଥାଏ । ତେଣୁ ମସ୍ତିଷ୍କର କାର୍ଯ୍ୟକ୍ଷମତା ବୃଦ୍ଧିପାଏ । ବିଟ୍ ଖାଇବା ଦ୍ୱାରା ସ୍ମୃତିଭ୍ରଂଶ ବା ଭୁଲାମନ ସମସ୍ୟା ଦୂରହୁଏ ।

ତେବେ ବିଟ୍ ଖାଇବାରେ କିଛି ସାବଧାନତା ମଧ ଅବଲମ୍ବନ ଜରୁରୀ । ଏଥିରେ ଆଇରନ୍ ଏବଂ କପର୍ ପ୍ରଚୁର ମାତ୍ରାରେ ଥାଏ, ତେଣୁ ହେମୋକ୍ରୋମେଟୋମିସ୍ ରୋଗୀ ଏହାର ସେବନ କରିବା ଅନୁଚିତ । ଏହାକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଡାଇରିଆ ପରି ସମସ୍ୟା ଦେଖାଦିଏ । କିଡନି ରୋଗରେ ପୀଡିତ ବ୍ୟକ୍ତି ମଧ ଏହାକୁ ଅଧିକ ମାତ୍ରାରେ ଖାଇବା ଉଚିତ ନୁହେଁ । ନିମ୍ନ ରକ୍ତଚାପ ପୀଡିତ ବ୍ୟକ୍ତି ଏହାକୁ ଯଥା ସମ୍ଭବ କମ୍ ଖାଆନ୍ତୁ ।

# ରାମକଥା

ଶ୍ରୀରାମଙ୍କ ସ୍ତୁତି ବେଳେ ଭଗବାନ ଶଙ୍କର ସେଠାରେ ପହଁଚିଲେ । ସୁବର୍ଣ୍ଣ ସିଂହାସନରେ ବିରାଜମାନ କରୁଥିବା ଶ୍ରୀ ସୀତାରାମଙ୍କୁ ଦର୍ଶନ କରି ଅତି ଆନନ୍ଦିତ ହେଲେ । ଦେବ ଦେବ ମହାଦେବ ସେତେବେଳେ ସୁନ୍ଦର ସ୍ତୁତି ଗାନ କରୁଛନ୍ତି-

ତ୍ୱାମାଦିମଧ୍ୟାନ୍ତ ବିହୀନ ଏକଃ
ସୃଜସ୍ୟବସ୍ୟତ୍ସି ଚ ଲୋକଜାତମ୍ ।
ସ୍ୱମାୟୟା ତେନ ନ ଲିପ୍ୟସେ ତ୍ୱଂ
ଯତ୍ସ୍ୱେ
ସୁଖେଽଜସ୍ରସରତୋଽନବଦ୍ୟଃ ।
ଅହଂ ଭବନ୍ନାମ ଗୃଣନକୃତାର୍ଥୀ
ବସାମି କାଶ୍ୟାମ ନିଶଂ ଭବାନ୍ୟା ।
ମୁମୂର୍ଷମାଣସ୍ୟ ବିମୁକ୍ତୟେଽହଂ
ଦିଶାମି ମନ୍ତ୍ରଂ ତବ ରାମ ନାମଃ ।

ଶ୍ରୀରାମଙ୍କୁ ସ୍ତୁତି କରି ଶିବ କହିଲେ, ଆଜି ଆପଣ ଆନନ୍ଦରେ ଅଛନ୍ତି । ମୋତେ ଏତିକି ବରଦାନ କରନ୍ତୁ-

ବାର ବାର ବର ମାଗଉଁ, ହରସି ଦେହୁ ଶ୍ରୀରଙ୍ଗ ।
ପଦ ସରୋଜ ଅନପାୟନୀ, ଭଗତି ସଦା ସତସଂଗ ।

ଶିବ ବର ମାଗିଲେ ଯେ ହେ ପ୍ରଭୁ ! ଆପଣଙ୍କ ଚରଣାରବିନ୍ଦରେ ଅନନ୍ୟ ଭକ୍ତି ଦିଅନ୍ତୁ, ଆଉ ସେହି ଭକ୍ତିକୁ ବଢ଼ାଇବା ପାଇଁ ମୋତେ ସତସଙ୍ଗ ଦିଅନ୍ତୁ ।

ଆମେ ଯାହାର ସଙ୍ଗ କରିବା ତାହା ଭଳି ହିଁ ହେବା । ବିରକ୍ତ ଭଜନାନନ୍ଦ ସାଧୁସନ୍ଥଙ୍କର ସତସଙ୍ଗ ମିଳିଲେ ଆମର ବୈରାଗ୍ୟ ଓ ଭକ୍ତିର ରଙ୍ଗ ଗାଢ଼ ହେବ । ଅନେକଙ୍କର ଭକ୍ତି ହୁଏ, ମାତ୍ର ସେମାନଙ୍କୁ ସତସଙ୍ଗ ନମିଳିଲେ ସେମାନଙ୍କର ଭକ୍ତି ଧୀରେ ଧୀରେ ନ୍ୟୁନ ହେବାରେ ଲାଗେ । ସତସଙ୍ଗରେ ଭକ୍ତି ବଢ଼େ । ଭକ୍ତିର ସତସଙ୍ଗର ଆବଶ୍ୟକତା ରହିଛି । ଅନେକ ସତସଙ୍ଗ କରନ୍ତି, କିନ୍ତୁ ସେମାନଙ୍କ ହୃଦୟରେ ପ୍ରେମ ଜାତ ହୁଏ ନାହିଁ । ଭକ୍ତି ହୁଏ ନାହିଁ । ଏପରି ସତସଙ୍ଗ ସାର୍ଥକ ହୁଏ ନାହିଁ । ଭକ୍ତି ହେବା ଦରକାର ଏବଂ ଭକ୍ତି ବଢ଼ାଇବା ପାଇଁ ବିରକ୍ତ ଭଜନାନନ୍ଦୀ ସନ୍ଥଙ୍କର ସତସଙ୍ଗ ହେବା ବି ଆବଶ୍ୟକ । ଏଇଥିପାଇଁ ଶିବ ବର ମାଗିଥିଲେ ସତସଙ୍ଗର ।

ଏହାପରେ ଶ୍ରୀରାମ ଜଣ ଜଣଙ୍କୁ ଡାକି ସମ୍ମାନିତ କଲେ । ଜଣ ଜଣ କରି ସମସ୍ତଙ୍କୁ ବସ୍ତ୍ରାଭୂଷଣ ଦେଲେ । ସୀତାଙ୍କ ଗଳାରେ ସୁନ୍ଦର ଚନ୍ଦ୍ରହାର ଥିଲା । ଏହି ଦିବ୍ୟ ହାରକୁ ଜଣକୁ କାହାକୁ ଦେବେ ବୋଲି ସେ ଭାବିବାରେ ଲାଗିଥିଲେ । ଏହି ସମୟରେ ଶ୍ରୀରାମ କହିଲେ - 'ବୈଦେହି ଯସ୍ୟ ତୁଷ୍ଟାମି ଦେହି ତସ୍ମୈ ବରାନନେ । ଦେବି ! ତୁମେ ଯାହା ଉପରେ ଅତି ପ୍ରସନ୍ନ ତାକୁ ଏହି ଦିବ୍ୟ ହାରଟି ଦିଅ ।

ସୀତା ତାଙ୍କ ଗଳାରୁ ହାରଟି ବାହାର କଲେ । ହନୁମାନ ସେଠାରେ ଯୋଡ଼ହସ୍ତରେ ଠିଆ ହୋଇଥିଲେ । ସୀତା ମନେ ମନେ ଭାବିଲେ ହନୁମାନ



ମୋର ବହୁତ ସେବା କରିଛି । ସୀତା ହନୁମାନଙ୍କ ଗଳାରେ ସେହି ପ୍ରସାଦୀ ହାର ଗଳାଇ ଦେଲେ । ହନୁମାନଙ୍କର ଜୟ ଜୟକାର ହେଲା ।

ଶ୍ରୀରାମ ସିଂହାସନରେ ବସିବାରୁ ପ୍ରଜାମାନେ ଖୁବ୍ ଖୁସୀ ହେଲେ । ରାମରାଜ୍ୟରେ ଅକାଳ ମଡ଼କ କେବେହେଲେ ପଡ଼ି ନ ଥିଲା । ଯଥା ସମୟରେ ବୃଷ୍ଟି ହେଉଥିଲା । ରାମରାଜ୍ୟରେ କେହି ଦୁଃଖୀ ନଥିଲେ । କେହି ଦରିଦ୍ର ନ ଥିଲେ । ରାମରାଜ୍ୟରେ କାହାଘରେ କଳିତକରାଳ ହେଉ ନଥିଲା । ରାମରାଜ୍ୟରେ ପ୍ରଭୁଙ୍କର ଏପରି ପ୍ରଭାବ ଥିଲା ଯେ ଯିଏ ମୃତ୍ୟୁ ଚାହୁଁଥିଲେ କେବଳ ତାକୁ ହିଁ ମରଣ ହେଉଥିଲା । ଇଚ୍ଛା ନ ହେବା ପର୍ଯ୍ୟନ୍ତ ମୃତ୍ୟୁ ଆସୁ ନ ଥିଲା । ରାମରାଜ୍ୟରେ କାଳ ବି କାହାକୁ ଧରିପାରୁ ନଥିଲା । ରାମରାଜ୍ୟରେ ମାତା ପିତା ଜୀବିତ ଥିବାବେଳେ କୌଣସି ସନ୍ତାନର ମୃତ୍ୟୁ ହେଉ ନ ଥିଲା । କୌଣସି ସ୍ତ୍ରୀ ବିଧବା ହେଉ ନ ଥିଲେ । ରାମରାଜ୍ୟରେ ସମସ୍ତେ ଧର୍ମରେ, ନୀତିରେ ଅର୍ଥୋପାର୍ଜନ କରୁଥିଲେ । କେହି ହେଲେ ପରିଶ୍ରମରୁ ଅଧିକ ଅର୍ଥ ପାଇବା ପାଇଁ ଅଭିଳାଷ ପୋଷଣ କରୁ ନ ଥିଲେ । ଧନ ଧର୍ମାନୁସାରେ ଉପାର୍ଜନ କରୁଥିଲେ ଓ ଧର୍ମାନୁସାରେ ସଞ୍ଚୟ ବି କରୁଥିଲେ । ପ୍ରତ୍ୟେକ ଗୃହରେ ପ୍ରତ୍ୟହ ସତସଙ୍ଗ ହେଉଥିଲା । ପ୍ରତ୍ୟେକ ଗୃହରେ ପ୍ରତିଦିନ ରାମ-ନାମ ଜପ ହେଉଥିଲା । ସମସ୍ତେ ଏକାଦଶୀ ବ୍ରତ ପାଳନ କରୁଥିଲେ । ରାମରାଜ୍ୟରେ ପ୍ରଜାମାନେ ଖୁବ୍ ସୁଖରେ ଥିଲେ ।

ମାତା ପାର୍ବତୀ ଭଗବାନ ଶଙ୍କରଙ୍କୁ ପଚାରିଲେ, ପ୍ରଭୁ ! ରାମରାଜ୍ୟରେ ସତରେ କ'ଣ ସମସ୍ତେ ସୁଖୀ ଥିଲେ ? କେହି ବି ଦୁଃଖୀ ପାଉ ନ ଥିଲେ ?

ଭଗବାନ ଶଙ୍କର କହିଲେ, ଦୁଇଜଣ ଲୋକ ଦୁଃଖୀ ଥିଲେ । ଯେତେ ଡାକ୍ତର ଥିଲେ ସେମାନେ କାମଧନ୍ଦା ନ ପାଇ ବେକାର ଥିଲେ । ରୋଗର ତ ଚିହ୍ନବର୍ଣ୍ଣ ନଥିଲା । କାହାକୁ ହେଲେ ସାମାନ୍ୟ ଜ୍ୱର ବି ହେଉ ନ ଥିଲା । ସମସ୍ତେ ସଦାଚାରୀ ଆଉ ସଂଯମର ମର୍ଯ୍ୟାଦାରେ ରହୁଥିଲେ ।

ଆଜିକାଲି ଲୋକମାନଙ୍କର ସଂଯମ ନାହିଁ, ସଦାଚାରର ମର୍ଯ୍ୟାଦା ପ୍ରାୟ ସମସ୍ତେ ତ୍ୟାଗ କରି ଦେଇଛନ୍ତି । ଏଣୁ ଚାରିଆଡ଼େ ରୋଗ ବଢ଼ିଛି । ମାନବ ଜୀବନରେ ସଂଯମ, ସଦାଚାର ଆଉ ସୂର୍ଯ୍ୟଙ୍କର ଉପାସନା ଯଦି ହେଉଥିବ ତେବେ ରୋଗ ଆଦୌ ପ୍ରସାର ହେବ ନାହିଁ । ରାମରାଜ୍ୟରେ ରୋଗ କାହାକୁ ବି ହେଉ ନ ଥିଲା ।

ଭଗବାନ ଶଙ୍କର କହିଲେ, ରାମରାଜ୍ୟରେ ଦ୍ୱିତୀୟ ଦୁଃଖୀ ହେଉଛନ୍ତି ଓକିଲ । ଓକିଲଙ୍କ ବ୍ୟବସାୟ ଆଦୌ ହୋଇପାରୁ ନ ଥିଲା । କାରଣ ରାମରାଜ୍ୟରେ ଝଗଡ଼ାଝାଟି ତ ଆଦୌ ହେଉ ନ ଥିଲା, କାହାର ବି ମନ ଅଶାନ୍ତ ନ ଥିଲା । ଏଣୁ ଓକିଲମାନଙ୍କର ଖୁବ୍ ଅବନତି ହୋଇଥିଲା । କିନ୍ତୁ ଆଧୁନିକ ସ୍ୱରାଜ୍ୟରେ ତ ଓକିଲଙ୍କୁ ଫୁରସତ ନାହିଁ । ସଂସାରର ନିୟମ ଏପରି ଯେ ଗୋଟିଏ ସମୟରେ ଯାହାର ଅବନତି ହୋଇଥାଏ ସମୟ ବଦଳିଲେ ତାର ଉନ୍ନତି ହୋଇଥାଏ ।

## ପ୍ରକୃତିର ଦାନ ପାନମହୁରୀ

ପାନମହୁରୀରେ ଏପରି ତତ୍ତ୍ୱ ରହିଛି ଯାହା ମଣିଷର ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ କ୍ୟାଲସିୟମ, ସୋଡ଼ିୟମ, ପଟାସିୟମ, ଲୌହ ଆଦି ବିଭିନ୍ନ ଖଣିଜ ଲବଣ ରହିଛି । ଏହା ସହ ପ୍ରୋଟିନ୍, ଭିଟାମିନ୍ 'ଏ' ଓ 'ସି' ତତ୍ତ୍ୱ ରହିବା ସହ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟିବାୟୋଟିକ୍ସ ଗୁଣରେ ଭରପୂର । ସ୍ୱଭାବରେ ପାନମହୁରୀ ଶୀତଳ । ଏହା ମୁଖବାସ ହେବା ସହ ଏକ ଭଲ ଔଷଧ ଭାବେ କାର୍ଯ୍ୟ କରିଥାଏ । ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ, ବାଦାମ, ପାନମହୁରୀ ଏବଂ ମିଶ୍ରି ସମାନ ପରିମାଣରେ ନେଇ ଗୁଣ୍ଡ କରି ପ୍ରତିଦିନ ରାତିରେ ଏବଂ ଦ୍ୱିପ୍ରହର ସମୟରେ ଖାଦ୍ୟ ଖାଇବା ପରେ ଅଳ୍ପଅଳ୍ପ ସେବନ କଲେ ସ୍ମରଣ ଶକ୍ତି ବଢ଼େ । ବାତ, ପିତ୍ତ ଏବଂ କଫ ତ୍ରିଦୋଷ ନିୟନ୍ତ୍ରଣ କରି ରଖିପାରେ ପାନମହୁରୀ । ଖାଲି ପେଟରେ ଏହାକୁ ଖାଇଲେ ରକ୍ତ ପରିଷ୍କାର ହେବା ସହ ତ୍ୱଚା ଉଜ୍ଜ୍ୱଳ ହୁଏ । ଦୃଷ୍ଟିଶକ୍ତି ସମସ୍ୟା, ବଦହଜମି, କୋଷ୍ଠକାଠିନ୍ୟ, ଏସିଡ଼ିଟି ତଥା ଅତ୍ୟଧିକ ଶୋଷ ଲାଗିବା ଭଳି ସମସ୍ୟାରେ ପାନମହୁରୀ ଖୁବ୍ ଉପକାରୀ । ଏହା ମାନସିକ ଶାନ୍ତି ଦେବା ସହ ଉଚ୍ଚ ରକ୍ତଚାପ ଏବଂ କୋଲେଷ୍ଟ୍ରଲ କମାଏ । ପାନମହୁରୀ ସିଝା ପାଣି ତଥା ଏହାକୁ ସୁପରେ ପିଇଲେ ପେଟ ସମସ୍ୟାରୁ ମୁକ୍ତି ମିଳେ । ଏହା ମଧ୍ୟ ଓଜନ କମାଇବାରେ ସହାୟକ । ପାନମହୁରୀ ଗୁଣ୍ଡ କରି ଚା'ରେ ପକାଇଲେ ସ୍ୱାଦ ଏବଂ ଗୁଣବତ୍ତା ବଢ଼ିଯାଏ । ତେବେ ପାନମହୁରୀକୁ ଅଧିକ ସମୟ ଭାଜିଲେ ବା ସିଝାଇଲେ ଏହାର ଗୁଣ ନଷ୍ଟ ହୋଇଯାଏ । ତେଣୁ ଏହାକୁ ହାଲକା ଭାଜିବା ଉଚିତ ।

# ସ୍ୱର୍ବେଦ

**ଜାହି ନିଶା ଜୀବ ଜାଗତେ, ତାହି ନିଶା ମୁନି ସୋୟ ।**
**ଜାମେ ଜଗହିଁ ସଂଯମୀ, ତମେ ଜଗ ଜୀବ ସୋୟ । (୪୩)**

ଭାଷ୍ୟ : ଯେଉଁ ମାୟା- ମୋହ ଅନ୍ଧକାର ରାତ୍ରିରେ ସଂସାରୀ ଜୀବ ଜାଗ୍ରତ ହୋଇ ସେଥିରେ ରତ ରହନ୍ତି ସେହି ସଂସାର ମାୟା ରାତ୍ରିରେ ମନ, ବୁଦ୍ଧି ତଥା ପ୍ରାଣକୁ ଅନ୍ତର୍ମୁଖ କରି ମୁନୀଜନ ଶୋଇଯାନ୍ତି । ଏ ପ୍ରକାର ବ୍ୟତିକ୍ରମ ରୂପରେ ଯେଉଁ ଅନୁଭବ ଯୋଗ ବିବେକର ପ୍ରକାଶମାନ ଜ୍ୟୋତିରେ ପରିପୂର୍ଣ୍ଣ ରାତ୍ରିରେ ଯୋଗାାଭ୍ୟାସୀ ସଂଯମୀ ପୁରୁଷ ଆନନ୍ଦରେ ବିଭୋର ଥାଆନ୍ତି, ସେହି ପ୍ରକାଶମାନ ରାତ୍ରିରେ ସଂସାରୀ ଜୀବ ଜ୍ଞାନ ବିହୀନ ହୋଇ ଅଜ୍ଞାନ ମୋହ ନିଶାରେ ଶୋଇ ରହନ୍ତି । ଯେଉଁ ନିଶାରେ ସଂସାରୀ ଜୀବ ଜାଗ୍ରତ ହୁଏ, ସେହି ନିଶାରେ ମୁନିଜନ ଶୁଅନ୍ତି ଏବଂ ଯେଉଁଥିରେ ଅନ୍ତର୍ମୁଖ ହୋଇ ସଂଯମୀ ପୁରୁଷ ଜାଗ୍ରତ ହୁଅନ୍ତି, ସେହି ରାତ୍ରିରେ ସଂସାରୀ ଜୀବ ଜ୍ଞାନ ବିହୀନ ହୋଇ ଶୋଇ ଯାଆନ୍ତି ।

**ଅଜ୍ଞାନୀ ଜଗ ମେଁ ଜଗେ, ଅଧ୍ୟାତ୍ମ ସଂଯମୀ ଜାଗ ।**
**ଦୋନୋ ଗମନ ବିଲୋମ ହେଁ, ସତ୍ୟ ସଂଯମୀ ଲାଗ । (୪୪)**

ଭାଷ୍ୟ : ଅଜ୍ଞାନୀ ଜୀବ




ସଂସାରରେ ଜାଗ୍ରତ ହୁଏ ଓ ସଂଯମୀ ପୁରୁଷ ଅଧ୍ୟାତ୍ମ ଆତ୍ମ ଉତ୍ଥାନ ଓ ବ୍ରହ୍ମପ୍ରାପ୍ତି ପାଇଁ ଜାଗ୍ରତ ହୁଅନ୍ତି । ଉଭୟ ମାର୍ଗ ଏକରୁ ଭିନ୍ନ ଓଲଟା ଅଟେ । ଏଥିପାଇଁ ସଂଯମୀ ପୁରୁଷ ସଂସାର ଛାଡ଼ି ସତ୍ୟ ପରବ୍ରହ୍ମଙ୍କୁ ପାଇବା ପାଇଁ ପ୍ରବୃଦ୍ଧ ହୋଇ ନିଶିଦିନ ଜାଗ୍ରତ ରହନ୍ତି ଅର୍ଥାତ୍ ପ୍ରୟତ୍ନ କରନ୍ତି ।

**ଅନ୍ତର ପରମ ରହସ୍ୟ ସେ, ଦ୍ରବୀନ ଗମ ଲାବ ।**
**ପରମ ପୁରୁଷ ଛବି ଦେଖିୟେ, ଅକଥ ଅନୁପମ ଭାବ । (୪୫)**

ଭାଷ୍ୟ : ଅନ୍ତରାକାଶରେ ଗୋପନୀୟ ଭେଦ ଯୁକ୍ତି ରୂପୀ ଦୂରବୀନ ଲଗାଇ ଅନୁଭବ ଗମନ ଦୃଷ୍ଟିରେ ପରମ ପୁରୁଷଙ୍କ ଅନୁପମ ଅକଥନୀୟ ଶୋଭାକୁ ଦେଖନ୍ତୁ । ଅନ୍ତରାକାଶ ବିନା ଦିବ୍ୟ ଦୃଷ୍ଟି ହୋଇ ଚେତନ ଅନୁଭବ ପରବ୍ରହ୍ମ ମିଳନ୍ତି ନାହିଁ ।

**ମନସା ମନନ ମନାୟ ମନ, ସନ୍ତ ମୌନ ବ୍ରତ ଧାର ।**
**ବାଣୀ ସଂଯମ ଉଲଟି କର, ସନ୍ନିକର୍ଷ ସ୍ୱର ପାର । (୪୬)**

ଭାଷ୍ୟ : ମନରୁ ସମସ୍ତ ବିଷୟକୁ ସମୂଳ ନଷ୍ଟ କରି, ମନକୁ ନିର୍ବିଷୟ, ଶାନ୍ତ ହେଲେ ସନ୍ତ ଜନ ମୌନବ୍ରତ ଧାରଣ କରନ୍ତି । ଯେ ପର୍ଯ୍ୟନ୍ତ ମନର ବିଷୟ ତରଙ୍ଗ ଉଠେ, ସେ ପର୍ଯ୍ୟନ୍ତ ବାଣୀରେ ନ କହି ମୌନ କୁହାଯାଇ ପାରିବ ନାହିଁ । ମୌନବ୍ରତ ତେବେ ହୁଏ ଯେବେ ମନ ଭିତରେ କୌଣସି ବିଷୟ ଆସିବ ନାହିଁ ଓ ସନ୍ଥ ମନସ୍ୱୀ ହୋଇ ମନକୁ ନିଜ ବଶକୁ ଆଣିବେ । ଏପରି ମୌନ ବ୍ରତଧାରୀ ସନ୍ଥ ସଂଯମ ଦ୍ୱାରା ବାଣୀକୁ ଅନ୍ତର୍ମୁଖ କରି ପରା, ପଶ୍ୟନ୍ତି, ମଧ୍ୟମା ଓ ବୈଖରୀ ଏହି ଚାରି ବାଣୀରେ ପାର ସଦଗୁରୁ କେନ୍ଦ୍ରରେ ତା ସମୀପହିଁ ସର୍ବାଧାର ସାରଶବ୍ଦକୁ ପାଆନ୍ତି । ସ୍ୱର୍ବେଦର ପରିଭାଷାରେ ମନକୁ ଇନ୍ଦ୍ରିୟରୁ ରୋକି ଅନ୍ତର୍ମୁଖ ଲୟ ଓ ଶାନ୍ତ କରି ଦେଲେ ମୌନ ହୁଏ । ଯୋଗାଭ୍ୟାସରେ ଅନ୍ତର୍ମୁଖୀ ସ୍ଥିତି ହେଲେ ଯୋଗୀ ଯେବେ ଅମନ ହୋଇଯାଏ, ତେବେ ସ୍ୱତଃ ବାଣୀ ମନର ଶକ୍ତି, ବାହ୍ୟ କ୍ରିୟାକୁ ବନ୍ଦ କରି ନିଜେ ମୂଳାଧାରରେ ରହିଯାଏ । ଏହା ମୌନର ବାସ୍ତବିକ ସ୍ୱରୂପ ଅଟେ, କେବଳ ବାଣୀରେ ନୁହେଁ କହିବା ମୌନ ନୁହେଁ । ଏହି ମୌନ ଯୋଗ ଅତିରିକ୍ତ ସାଧନ ଦ୍ୱାରା ହିଁ ମିଳିଥାଏ, ସ୍ୱତନ୍ତ୍ର ମନମୁଖୀ ସାଧନରେ ନୁହେଁ ।

**ଆପ ଶବ୍ଦକେ ବିଚ ମେଁ, ଅନ୍ୟ ବସ୍ତୁ ନହିଁ ଆୟ ।**
**ଉର୍ଦ୍ଧ୍ୱ ପ୍ରବାହୀ ଭଜନ ହୈ, ଉଲ୍କର୍ଷ ଜୀବ ପାୟ । (୪୭)**

ଭାଷ୍ୟ : ପ୍ରକୃତି ଦେହ ସଂଘାତ ସମ୍ବନ୍ଧରେ ରହିତ ହୋଇଗଲେ ଆତ୍ମା ନିଜ ସ୍ୱରୂପରେ ଆସିଯାଏ । ସେହି କାଳରେ ଆତ୍ମା ଓ ସାର ଶବ୍ଦ ପରମ ପୁରୁଷଙ୍କ ମଧ୍ୟରେ ଅନ୍ୟ କୌଣସି ବସ୍ତୁ ଆସେ ନାହିଁ । ଅର୍ଥାତ୍ ଆତ୍ମା ସମ୍ମୁଖରେ କେବଳ ପରବ୍ରହ୍ମ ସତ ପୁରୁଷ ହିଁ ଚେତନ ଦୃଷ୍ଟିରେ ପ୍ରତ୍ୟକ୍ଷ ଦେଖାଯାଏ ଓ ଆତ୍ମାର ଚେତନ ପ୍ରବାହ ଉର୍ଦ୍ଧ୍ୱକୁ ବହିବାରେ ଲାଗେ । ଜୀବନର ମହାନ୍ ବିକାଶର ଏହି ଅବସ୍ଥାକୁ ଭଜନ କୁହାଯାଏ ।

## ଅରଖର ଉପକାରିତା

ଅରଖ ଏକ ଗୁଳ୍ମଜାତୀୟ ଔଷଧୀୟ ଉଦ୍ଭିଦ । ତେବେ ଦେବପୂଜା ବିଶେଷକରି ଶିବଙ୍କର ପୂଜା ପାଇଁ ଏହି ଫୁଲର ଆବଶ୍ୟକତା ମଧ ପଡିଥାଏ । ଥାଇଲାଣ୍ଡରେ ଏହାର ଫୁଲକୁ ବିଭିନ୍ନ ପ୍ରକାର ସାଜସଜ୍ଜା ପାଇଁ ବ୍ୟବହାର କରାଯାଉଥିବା ବେଳେ ହାୱାଇ ଦ୍ୱୀପରେ ଏହାକୁ ରାଜକୀୟ ସନ୍ତକ ବୋଲି ବିଚାର କରାଯାଇଥାଏ । କାମ୍ବୋଡିଆରେ ଶବ ଶୋଭାଯାତ୍ରାରେ ଅରଖଫୁଲ ବ୍ୟବହାର କରାଯାଏ । ଏହି ଉଦ୍ଭିଦ ଭାରତ ସମେତ ଶ୍ରୀଲଙ୍କା, ଚୀନ, ଥାଇଲାଣ୍ଡ, ଫିଲିପାଇନ୍ସ, ଇଣ୍ଡୋନେସିଆ, ମାଲେସିଆ ଓ କାମ୍ବୋଡିଆରେ ମୁଖ୍ୟତଃ ଦେଖାଯାଏ । ଏହା ଏକ ଔଷଧୀୟ ବୃକ୍ଷ ହେଲେ ବି ଏହାର କ୍ଷୀର ବିଷାକ୍ତ ହୋଇଥିବାରୁ ଏହାର ପ୍ରୟୋଗ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଜରୁରୀ । କେତେକ ଚର୍ମରୋଗରେ ପୁଣି ଅଧକପାଳୀ ମୁଣ୍ଡବିନ୍ଧାରେ ଏହାର କ୍ଷୀରକୁ ବ୍ୟବହାର କରାଯାଇଥାଏ । ମାତ୍ର ଏହା ଯେପରି ଆଖିର ସଂସ୍ପର୍ଶରେ ନ ଆସେ । ଏହାର ଫଳରୁ ବାହାରୁଥିବା ତୁଳାରେ ତକିଆ ତିଆରି କରି ଶୋଇଲେ ଅଣ୍ଡାରୋଗ ଦୂର ହୋଇଥାଏ । ବଧିରପଣକୁ ଦୂର କରେ ।

☐ ନଖରେ ଯଦି କୌଣସି ପ୍ରକାର ସଂକ୍ରମଣ ହୋଇଥାଏ ଏବଂ ନଖ ମରିମରି ଯାଉଥାଏ ତେବେ ଅରଖର ମୂଳକୁ ପାଣିରେ ଭଲ ଭାବେ ବାଟି ତାକୁ ନଖର ଉପରେ ଲଗାନ୍ତୁ ।

☐ କୌଣସି ଦୁର୍ଘଟଣାରେ ପାଦରେ କଣ୍ଟା କିମ୍ବା ଭଙ୍ଗା କାଚ ପଶି ଯାଇଥିଲେ ଅରଖ ଗଛରୁ ବାହାରୁଥିବା ଧଳା ରଙ୍ଗର କ୍ଷୀର ସେ ସ୍ଥାନରେ ଲଗାଇ ଦିଅନ୍ତୁ, ତାହା ପାଚି ଯାଇ ବାହାରକୁ ବାହାରି ଆସେ ।

☐ ଦେହ କୁଣ୍ଡେଇ ହେଇ ଫଳିଯାଇ ଚିହ୍ନ ରହି ଯାଉଥିଲେ ଅରଖ ଚେରକୁ ନିଆଁରେ ପୋଡି ପାଉଁଶ କରନ୍ତୁ । ଏହି ପାଉଁଶରେ ସୋରିଷ ତେଲ ମିଶାଇ ଦେହରେ ମାଲିସ୍ କରନ୍ତୁ ।

☐ କାଶ ପାଇଁ ମଧ ଅରଖକୁ ବ୍ୟବହାର କରାଯାଇଥାଏ । ଦୀର୍ଘ ଦିନ ଧରି କାଶ ହେଉଥିଲେ ଅରଖର ମୂଳକୁ ଭଲ ଭାବେ ବାଟି ସେଥିରେ ଗୋଲମରିଚ ଗୁଣ୍ଡ ପକାଇ ଛୋଟ ବାଟୁଳାଟିଏ କରି ଦିନକୁ ଦୁଇଥର



ସକାଳେ ଏବଂ ସନ୍ଧ୍ୟାରେ ପାଣି ସହିତ ସେବନ କରନ୍ତୁ ।

☐ ଅରଖ ବୃକ୍ଷ ପରିବେଶକୁ ଶୁଦ୍ଧ ରଖିଥାଏ । ବାୟୁରେ ଥିବା ବିଷାକ୍ତ ଜୀବାଣୁକୁ ଏହା ନଷ୍ଟ କରି ଦେଇଥାଏ ।

☐ ଅରଖର କଅଁଳିଆ ପତ୍ରକୁ ମିଠା ତେଲରେ ଜଳାଇ ଅଣ୍ଡକୋଷ ଫୁଲିଥିବା ସ୍ଥାନରେ ବାନ୍ଧିଲେ ଫୁଲା କମିଥାଏ । ମାତ୍ର ଜଡ଼ା ତେଲରେ ଏହାର ପତ୍ରକୁ ଜଳାଇ ଘାଆରେ ଲଗାଇଲେ ତାହା ଭଲ ହୋଇଯାଏ ।

☐ ଏହାର ପତ୍ରକୁ ଗରମ କରି କ୍ଷତରେ ବାନ୍ଧିବା ଦ୍ୱାରା ତାହା ଖୁବ୍ ଶୀଘ୍ର ଭଲ ହୁଏ । ଅରଖର ଛାଲିକୁ ବାଟି ଘିଅରେ ଗରମ କରି କ୍ଷତ ସ୍ଥାନରେ ଲଗାଇବା ଦ୍ୱାରା ଫୁଲା ଓ ଯନ୍ତ୍ରଣା ହ୍ରାସ ପାଏ ।

☐ ଅରଖର ଚେରକୁ ଛାଇରେ ଶୁଖାଇ ତାକୁ ଗୁଣ୍ଡ କରି ନିଅନ୍ତୁ । ସେଥିରେ ଗୁଡ଼ ମିଶାଇ ଖାଇବା ଦ୍ୱାରା ଶୀତ ଜ୍ୱର ପ୍ରଶମିତ ହୋଇଥାଏ ।

☐ ଆଣ୍ଠୁଗଣ୍ଠି ବାତ ପାଇଁ ଅରଖ ଉପକାରୀ । ଦୁଇ ସେର ଅରଖ ଚେରକୁ ଚାରି ସେର ପାଣି ଦେଇ ସିଝାନ୍ତୁ । ପାଣି ମରି ମରି ଅଧା ହୋଇଗଲେ ସେଥିରେ ଦୁଇ ସେର ଗହମ ପକାଇ ଦିଅନ୍ତୁ । ଅବଶିଷ୍ଟ ପାଣି ସଂପୂର୍ଣ୍ଣ ମରିଗଲେ ସେହି ଗହମରୁ ଅଟା ପ୍ରସ୍ତୁତ କରନ୍ତୁ । ଏହି ଅଟାରୁ ଆଞ୍ଜୁଳାଏ ନେଇ ରୁଟି କରି ଗୁଡ଼ ଏବଂ ଘିଅ ସହ ପ୍ରତିଦିନ ଖାଇବା ଦ୍ୱାରା ଆଣ୍ଠୁଗଣ୍ଠିର ସମସ୍ୟା ଦୂର ହୁଏ । ରୋଗ ଯେତେ ପୁରୁଣା ହେଲେ ବି ତିନି ସପ୍ତାହରେ ଏଥିରୁ ଆରାମ ମିଳିଥାଏ ।

☐ ଅରଖର ଶୁଖିଲା ଡାଳ ଖଣ୍ଡେ ନେଇ ତା'ର ଗୋଟେ ପଟେ ନିଆଁ ଲଗାଇ ଆରପଟେ ତା'ର ଧୂଆଁକୁ ଜୋରରେ ନାକରେ ଶୋଷିବା ଦ୍ୱାରା ଏହା ମୁଣ୍ଡବିନ୍ଧାରୁ ତୁରନ୍ତ ଆରାମ ଦେଇଥାଏ ।

☐ ଅରଖ ମୂଳର ଚୂର୍ଣ୍ଣକୁ ଗରମ ପାଣି ସହିତ ସେବନ କରିବା ଦ୍ୱାରା ଉପଦଂଶ ରୋଗରୁ ରକ୍ଷା ମିଳେ । ଉପଦଂଶର ଘା' ରେ ଅରଖର ଗୁଣ୍ଡ ପକାନ୍ତୁ । ଅରଖର କାଢ଼ାରେ ଘା'କୁ ଧୋଇ ଦିଅନ୍ତୁ ।

☐ ଅରଖ ମୂଳ ସହ ପିପ୍ପଳ ଛାଲିର ଭସ୍ମ ଲଗାଇବା ଦ୍ୱାରା ଫିଷ୍ଟୁଲା ଭଲ ହୋଇଯାଏ । ଅରଖରେ ଦାନ୍ତ ଘଷିବା ଦ୍ୱାରା ଦାନ୍ତରୋଗ ହୁଏ ନାହିଁ ।

☐ ଆୟୁର୍ବେଦରେ ଏହି ବୃକ୍ଷକୁ ଉପବିଷ ଶ୍ରେଣୀଭୁକ୍ତ କରାଯାଇଛି । ତେଣୁ ଏହାର ସେବନ ଅତ୍ୟଧିକ ହେବା ବିପଦପୂର୍ଣ୍ଣ । ଏହା ଝାଡ଼ା ବାନ୍ତିର କାରଣ ହୋଇପାରେ । ଉପଯୁକ୍ତ ମାତ୍ରାର ସେବନ ଉପଯୁକ୍ତ ବୈଦ୍ୟଙ୍କ ତତ୍ତ୍ୱାବଧାନରେ ହେବା ଦରକାର ।

## ଔଷଧରେ ଭରପୁର ବାହାଡ଼ା

ଗୋଟିଏ ବାହାଡ଼ାକୁ ୨ ଫାଳ କରି ଗୋଟିଏ ଫାଳକୁ କଳରେ ରଖି ଧୀରେ ଧୀରେ ଖାଇଲେ ଏହା କଫ, କାଶ, ଶ୍ୱାସ ଓ ସ୍ୱରଭଙ୍ଗ ଦୂର ହୋଇଥାଏ ।

**ମୂତ୍ରାଶୟରେ ପଥୁରୀ:** ବାହାଡ଼ା ମଞ୍ଜିକୁ ଖାର ସହ ପେଷି ପାଣି ସହିତ ମିଶାଇ ଦିନକୁ ୨ ଥର ପିଇଲେ ମୂତ୍ରାଶୟର ପଥୁରୀ ବାହାରି ଯାଇଥାଏ ।

**ନଂପୁସକତା ଦୂର :** ବାହାଡ଼ା ଚୂର୍ଣ୍ଣ ସାଙ୍ଗରେ ସମାନ ଭାବରେ ଗୁଡ଼ ମିଶାଇ ନିୟମିତ ୨/୩ ମାସ ସେବନ କଲେ ନଂପୁନସକତା ଦୂର ହୋଇଥାଏ ।



**କାନ ପଚା :** ବାହାଡ଼ା ଓ ବଚକୁ ୧୦ ଗ୍ରାମ୍ ରାଶି ତେଲ ଏବଂ ରାଶି ତେଲ ଏବଂ ଏକ ଗ୍ଲାସ ପାଣି ଦେଇ ଏହାକୁ ଗରମ କରନ୍ତୁ, ପାଣି ମରିଯିବା ପରେ ଏହାକୁ ଛାଣି କାନରେ ଦିନକୁ ୨ ଥର ପକାଇଲେ କାନପଚା ଭଲ ହୁଏ ।

## ଆପଣ ଜାଣନ୍ତି କି ?

- ପ୍ରସିଦ୍ଧ ପୁସ୍ତକ 'ଉଇ ଦ ପିପୁଲ'ର ଲେଖକ ହେଉଛନ୍ତି ନନି ପାଲଖିୱାଲା ।
- ଫରାସୀପ୍ରସିଦ୍ଧ ଔପନ୍ୟାସିକା ଏମିଲି ଜୋଲାଙ୍କ ପୁରାନାମ ଏମିଲି ଏଡ୍‌ୱାର୍ଡ ଆଣ୍ଟୋନି ଜୋଲା ।
- ଇଂରେଜ ଔପନ୍ୟାସିକ ତଥା କବି ଥୋମାସ୍ ହାର୍ଡିଙ୍କ ଜନ୍ମ ଜୁନ୍ ୨ ତାରିଖ ୧୮୪୦ ମସିହାରେ ଇଂଲଣ୍ଡର ଷ୍ଟାନ୍ସଫୋର୍ଡ ଠାରେ ହୋଇଥିଲା ।
- ଏରିକ୍‌ଆର୍ଥରବ୍ଲେୟାରଙ୍କ ପେନ୍ ନେମ୍ (କଲମ୍ ନାମ) ଜର୍ଜ ଓରୱେଲ ।
- ସ୍କଟିସ୍ ଔପନ୍ୟାସିକ ସାର ୱାଲଟର ସ୍କଟ୍‌ଙ୍କ ଜନ୍ମ ଅଗଷ୍ଟ ୧୫, ୧୭୭୧ ମସିହାରେ ଏଡିନବର୍ଗ ଠାରେ ହୋଇଥିଲା ।
- ମୁନ୍‌ସି ପ୍ରେମଚାନ୍ଦ ଭାବେ ଜଣାଶୁଣା ଭାରତୀୟ ଔପନ୍ୟାସିକ ପ୍ରେମଚନ୍ଦଙ୍କ ପ୍ରକୃତ ନାମ ଧନପତ ରାୟ ।
- ଫରବିଡ଼େନ୍ ଭର୍ସେସ୍‌ର ଲେଖକ ଆରବୀୟ କବି ଅବୁ ନୁୱାସ୍ ଅଲ୍ ହସନ ଇବନ୍ ହନି ଏଲ୍ ହକ୍କାନି ।
- ପ୍ରସିଦ୍ଧ ବାଂଲାଦେଶୀ ଲେଖିକା ତସଲିମା ନାସାରିନ୍ ପେଶାରେ ଜଣେ ଡାକ୍ତରୀ ।
- ସୌର ମଣ୍ଡଳର ସୂର୍ଯ୍ୟଙ୍କ ଶକ୍ତିକୁ ମହାକର୍ଷଣ ଶକ୍ତି କୁହନ୍ତି ।
- ଉପଗ୍ରହ ଚନ୍ଦ୍ରର ନିଜର ଆଲୋକ ନାହିଁ ସେ ସୂର୍ଯ୍ୟଙ୍କ ଆଲୋକରେ ଆଲୋକିତ ।
- ସୂର୍ଯ୍ୟ ଓ ଚନ୍ଦ୍ର ମଧରେ ପୃଥିବୀ ରହିଲେ ସୂର୍ଯ୍ୟପରାଗ ହୁଏ ।

## କହିପାରିବେ କି ?

(୧) ସର୍ବତାପନ କେଉଁ ଦେବତାଙ୍କ ଅନ୍ୟ ନାମ ?
(୨) ମେଘନାଦଙ୍କ ମାତାଙ୍କ ନାମ କ'ଣ ?
(୩) ରାମାୟଣରେ କେତୋଟି ଶ୍ଳୋକ ଅଛି ?
(୪) ପର୍ଶୁରାମ ମାତାଙ୍କ ନାମ କ'ଣ ?
(୫) ଦେବାନ୍ତକର ମୃତ୍ୟୁ କାହା ହାତରେ ହୋଇଥିଲା ?
(୬) ବଲପଏଣ୍ଟ ପେନ୍ କେବେ ଆବିଷ୍କାର ହୋଇଥିଲା ?
(୭) କେଉଁ ଦେଶରେ ଭିକ ମାଗିବା ପାଇଁ ଲାଇସନ୍ସ ନେବାକୁ ପଡେ ?
(୮) ଅକ୍ଟୋପସ୍‌ର କେତୋଟି ହୃଦ୍ ଯନ୍ତ୍ର ରହିଛି ?
(୯) କିଏ ବିନା ମୁଣ୍ଡରେ ୨ ରୁ ୩ ସପ୍ତାହ ପର୍ଯ୍ୟନ୍ତ ଜୀବିତ ରହିପାରେ ?
(୧୦) ବିଶ୍ୱରେ ସବୁଠୁ ଅଧିକ ବିକ୍ରି ହେଉଥିବା ବିସ୍କୁଟର ନାମ କ'ଣ ?

### JUMBLE WORDS

| | | | |
|---|---|---|---|
| 1) MUDIH | = | 6) KROEP | = |
| 2) CIYPK | = | 7) GEMTNA | = |
| 3) GAHUCT | = | 8) NUFEDO | = |
| 4) RLETEN | = | 9) TRYID | = |
| 5) POTLI | = | 10) TOMOT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧. ଅଥର୍ବବେଦ, ୨. ଗରୁଡ଼, ୩. ପୁଷ୍କକ, ୪. ସୁମିତ୍ରା, ୫. ସୂର୍ଯ୍ୟ, ୬.ଇନ୍ଦ୍ର, ୭. ଦଧୀଚି, ୮. ହିତ ସାଗର, ୯. ମନ୍ଦରାଚଳ, ୧୦. ପର୍ଶୁରାମ ।

***Jumble Words*** **ର ଉତ୍ତର :-**

(1) EXCEL (2) CLOSET (3) CHROME (4) MONTH (5) CHORD
(6) EXCESS (7) POETRY (8) FAVOR (9) BRIBE (10) NIMBLE

# ସମ୍ବାଦ ମଞ୍ଚ ସଦସ୍ୟ

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ସ୍ୱାଧୀନ ଓ ସ୍ୱାବଲମ୍ବୀ ଡ଼ିଜିଟାଲ ସମ୍ବାଦ ମଞ୍ଚ ବିକାଶ ଲକ୍ଷ୍ୟେ ବିଶ୍ୱବ୍ୟାପୀ ବିଭିନ୍ନ ରାଷ୍ଟ୍ରରେ ବିବିଧ କିସମର ପାଠକକେନ୍ଦ୍ରୀକ ଆୟ ଯୋଜନା ପରୀକ୍ଷା ମୂଳକ ଭାବେ ଆୟୋଜନ କରାଯାଉଛି । ଏହି ଭଳି ମଡ଼େଲଗୁଡ଼ିକର ଅନୁଶୀଳନ ନିମନ୍ତେ ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ ପକ୍ଷରୁ ୨୦୧୭ ରୁ ୨୦୨୧ ଚାରିବର୍ଷ ଧରି 'ମେମ୍ବରସିପ ପଜଲ' ନାମକ ଏକ ଗବେଷଣା ପ୍ରକଳ୍ପ କାର୍ଯ୍ୟକାରୀ ହୋଇଥିଲା । ସାମାଜିକ ସ୍ତରରେ ସମ୍ବାଦ ମଞ୍ଚ ଗୁଡ଼ିକପ୍ରତି ବିଶ୍ୱାସନୀୟତା ହ୍ରାସ ହେତୁ ପ୍ରସାରଣ ବାଧାପ୍ରାପ୍ତ ତଥା ପାରମ୍ପରିକ ବିଜ୍ଞାପନ ଆୟ ହ୍ରାସରେ ବ୍ୟାବସାୟିକ ବ୍ୟୟ ଭରଣା ନିମନ୍ତେ ବିଭିନ୍ନ ସମ୍ବାଦ ସଂସ୍ଥା ଦ୍ୱାରା ପ୍ରବର୍ତ୍ତିତ ବିକଳ୍ପ ଉଦ୍ୟମ ଗୁଡ଼ିକୁ ଚିହ୍ନଟ କରିବା ପ୍ରାୟସ ସମ୍ବାଦ ଶିଳ୍ପର ଭବିଷ୍ୟତଲାଗି ନୂତନ ସଂଭାବନାର ସୂଚନା ଦେଇଥାଏ ।

ମୁଦ୍ରଣ କାରିଗରୀ କୌଶଳ ଉଦ୍ଭାବନ ପରେ ସମ୍ବାଦପତ୍ର ପ୍ରକାଶନ ମାଧ୍ୟମରେ ଆଧୁନିକ ସାମ୍ବାଦିକତାର ଅୟମାରମ୍ଭ ଘଟିଥିଲା । ପ୍ରାଥମିକ ପର୍ଯ୍ୟାୟରେ ମୁଦ୍ରିତ ସମ୍ବାଦପତ୍ର ପ୍ରଯୋଜନା ବ୍ୟୟ ବିକ୍ରୀଲବ୍ଧ ଆୟ ଉପରେ ନିର୍ଭର କରୁଥିଲା । କିନ୍ତୁ ଅଷ୍ଟାଦଶ ଶତାବ୍ଦୀ ଆରମ୍ଭରୁ କ୍ରମଶଃ ମୁଦ୍ରିତ ସମ୍ବାଦପତ୍ର ବ୍ୟୟର ସିଂହଭାଗ ବିଜ୍ଞାପନ ଆୟରେ ମେଣ୍ଟାଇ ଗ୍ରାହକ ଚାନ୍ଦାକୁ ଗୌଣ କରିବା ଧାରା ସମ୍ବାଦ ଶିଳ୍ପକୁ ପ୍ରଭାବିତ କରିଥିଲା । ଉପଭୋକ୍ତା କମ ମୂଲ୍ୟ ବିନିମୟରେ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ କ୍ରୟର ସୁଯୋଗ ପାଇ ଅଧିକରୁ ଅଧିକ ସଂଖ୍ୟକ ସମ୍ବାଦପତ୍ର ଗ୍ରାହକ ଶ୍ରେଣୀଭୁକ୍ତ ହେବାକୁ ଲାଗିଲେ ।

ମୁଦ୍ରିତ ସମ୍ବାଦପତ୍ରର ବିଜ୍ଞାପନ ଆଶ୍ରିତ ମଡ଼େଲ ପ୍ରାୟ ୧୮୦ ବର୍ଷ ଧରି ବଳବତ୍ତର ରହିବା ପରେ ଇ-କମର୍ସ ଓ ସୋସିଆଲ ମିଡ଼ିଆର ପ୍ରସାର କାଳରେ କ୍ରମଶଃ ବିଜ୍ଞାପନ ପ୍ରଦର୍ଶନ ସମ୍ବାଦ ମଞ୍ଚରୁ ଅପସରି ଗଲା । ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ ଏହି ଅପସାରଣ କେବଳ ପାରମ୍ପରିକ ଗଣମାଧ୍ୟମ ମଞ୍ଚ ମୁଦ୍ରିତ ସମ୍ବାଦପତ୍ର, ରେଡ଼ିଓ ଓ ଟେଲିଭିଜନ ମଧ୍ୟରେ ସୀମିତ ନ ରହି ନବ-ବିକଶିତ ଡିଜିଟାଲ ସମ୍ବାଦ ମଞ୍ଚ ମଧ ସମଭାବେ ପ୍ରଭାବିତ ହେଲା । ଗଣମାଧ୍ୟମ ସମୀକ୍ଷକ ମାନେ କହିବାକୁ ଆରମ୍ଭ କଲେ ଯେ ସମ୍ବାଦ ସହ ବ୍ୟାବସାୟିକ ବିଜ୍ଞାପନର କୌଣସି ସଂପର୍କ ନାହିଁ, ଦୁଇ ଶହ ବର୍ଷ ଧରି ଯଦି ବିଜ୍ଞାପନ ପ୍ରଦର୍ଶନ ଆୟରୁ ସମ୍ବାଦ ଶିଳ୍ପ ପରିପୁଷ୍ଟ ହୋଇଛି ତେବେ ତାହା କେବଳ ଏକ ଅର୍ଥନୀତିକ ଦୁର୍ଘଟଣା 'ଇକନୋମିକ ଏକ୍ସିଡ଼େଣ୍ଟ' ମାତ୍ର ।

ପାରମ୍ପରିକ ସମ୍ବାଦ ମଞ୍ଚଗୁଡ଼ିକର ପାଠକ, ଶ୍ରୋତା, ଦର୍ଶକ ବଢ଼ିଲେ ଅଧିକ ପରିମାଣରେ ବିଜ୍ଞାପନ ପ୍ରଦର୍ଶନ ନିମନ୍ତେ ବିଜ୍ଞାପକମାନେ ଆଗ୍ରହ ପ୍ରକାଶ କରୁଥିବା ଏବଂ ତଦ୍ୱାରା ବିଜ୍ଞାପନ ଆୟ ବୃଦ୍ଧି ପାଉଥିବା କାରଣରୁ ବୃହତ ସମ୍ବାଦ ମଞ୍ଚ ପରିଚାଳନା ନିମନ୍ତେ ବଡ଼ ଧରଣର ନିବେଶ ଆବଶ୍ୟକ ପଡ଼ିଲା । ଏହାକୁ ଆମେ ସ୍ୱାଭାବିକ 'ନେଚୁରାଲ' ବୋଲି ଧରି ନେଲୁ । ଫଳରେ ଶିଳ୍ପପତି ଓ ରାଜନୀତିକ ନେତୃବର୍ଗ ସମ୍ବାଦ ପ୍ରକାଶନ ଶିଳ୍ପରେ ପୁଞ୍ଜିନିବେଶ କରି ସେମାନଙ୍କ ସ୍ୱାର୍ଥ ହାସଲ ନିମନ୍ତେ ତତ୍ପର ହୋଇ ପଡ଼ିଲେ । ସମ୍ବାଦ ମଞ୍ଚରୁ ସମ୍ବାଦ, ସାମ୍ବାଦିକତା ଓ ଜନସ୍ୱାର୍ଥର ଗୁରୁତ୍ୱ ଉଭେଇ ଗଲା । ସମ୍ବାଦ ଶିଳ୍ପ ନିବେଶକମାନେ ହିଁ ନବ ବିକଶିତ ନିଉଜ ଓ୍ୱେବସାଇଟ ପ୍ରକାଶନରେ ଆଗୁଆ ରହିଲେ । ଡିଜିଟାଲ ସମ୍ବାଦ ମଞ୍ଚ ମଧ ବିଜ୍ଞାପନ ଆଶ୍ରିତ ମଡ଼େଲରେ ପରିପୁଷ୍ଟ ହେଲା ।

ବିଂଶ ଶତାବ୍ଦୀର ଶେଷ ଦଶକରୁ ବିକଶିତ ରାଷ୍ଟ୍ରଗୁଡ଼ିକରେ ଇ-କମର୍ସ ଧାରା ଅନୁସୃତ ହେବା ଏବଂ ଏକବିଂଶ ଶତାବ୍ଦୀ ପ୍ରଥମ ଦଶକରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ସହରାଞ୍ଚଳରେ ଲୋକପ୍ରିୟତା ହାସଲ କରିବା ତଥା ଦ୍ୱିତୀୟ ଦଶକରେ ଗ୍ରାମାଞ୍ଚଳକୁ ପ୍ରସାରିତ ହେବା ଅବସରରେ ବ୍ୟାବସାୟିକ ବିଜ୍ଞାପନ ପ୍ରଦର୍ଶନର ଧାରା ବଦଳିଗଲା । ଉପଭୋକ୍ତା କେନ୍ଦ୍ରୀକ ତଥ୍ୟ ସଂଗ୍ରହ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉପଯୋଗ ଓ ବ୍ୟକ୍ତିକେନ୍ଦ୍ରୀକ ମଲଟିମିଡ଼ିଆ ପ୍ରଦର୍ଶନ ଭଳି ସୁଯୋଗ ସୁବିଧା ବିଜ୍ଞାପନର ଗୁଣବତ୍ତା ବୃଦ୍ଧି କରୁଥିବା ହେତୁ ବିଜ୍ଞାପନ ପ୍ରଦର୍ଶନ ପାଇଁ ସମ୍ବାଦ ମଞ୍ଚ ଗୁରୁତ୍ୱ ହରାଇ ବସିଲା । ଅବଶ୍ୟ ପରୋକ୍ଷରେ ଏହି ବିଘଟନ ସାମ୍ବାଦିକତାରେ ଉତ୍କର୍ଷ ବିକାଶ ଦିଗରେ ସହାୟକ ହୋଇଛି ବୋଲି କହିବାକୁ ହେବ ।

ମହାମାରୀ-ପର ପରିବର୍ତ୍ତିତ ପରିବେଶ 'ନିଉ-ନରମାଲ'ରେ ବିକଶିତ ରାଷ୍ଟ୍ରଗୁଡ଼ିକରେ ସମ୍ବାଦ ପ୍ରସାରଣ ପ୍ରକ୍ରିୟା ଡିଜିଟାଲ ମଞ୍ଚରେ ପ୍ରାୟତଃ ପହଞ୍ଚି ସାରିଥିବା ତଥା ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ସେହି ଧାରା ଅନୁସରଣ କରୁଥିବା ଅବସରରେ ବିଜ୍ଞାପନ ଆୟ ଅନୁପସ୍ଥିତିରେ ସମ୍ବାଦ ମଞ୍ଚ ଗ୍ରାହକଚାନ୍ଦାରେ ପରିପୁଷ୍ଟ ହେବା ଯୁଗ ଆସି ସାରିଛି ବୋଲି କହିବାକୁ ହେବ । ତେବେ ତତକ୍ଷଣାତ ଗ୍ରାହକ ଚାନ୍ଦା ଦେୟ ମଞ୍ଚ ପରିଚାଳନା ନିମନ୍ତେ ପର୍ଯ୍ୟାପ୍ତ ହୋଇପାରୁ ନ ଥିବା ହେତୁ ବଦାନ୍ୟତା କେନ୍ଦ୍ରୀକ ଆୟ ସଂଗ୍ରହ ପ୍ରତି ଧ୍ୟାନ ଦିଆଯାଉଛି ।

ଏହି ଅବସରରେ ସମ୍ବାଦ ମଞ୍ଚ ସଦସ୍ୟ 'ମେମ୍ବରସିପ' ଗ୍ରାହକ ଚାନ୍ଦା ଏବଂ ଦାନ ମଧ୍ୟରେ ଏକ ମଧ୍ୟମ ଧରଣର ମଡ଼େଲ ଲୋକପ୍ରିୟ ହୋଇଛି । ଏହା ବିକଶିତ ଓ ବିକାଶଶୀଳ ଉଭୟ ରାଷ୍ଟ୍ରରେ ପରୀକ୍ଷାମୂଳକ ଭାବେ ଲାଗୁ କରାଯାଉଛି । ଗ୍ରାହକ ଚାନ୍ଦା ସୀମିତ ସମୟରେ ସମ୍ବାଦ ଉପଭୋକ୍ତାଙ୍କ ଦେୟ ତଥା ଦାନ ମାଧ୍ୟମରେ ଏକକାଳୀନ ଦେୟ ମଧ୍ୟରେ ସମ୍ବାଦ ମଞ୍ଚ ସଦସ୍ୟମାନେ ନିୟମିତ ଗ୍ରାହକ ଚାନ୍ଦାରୁ ନିର୍ଦ୍ଦିଷ୍ଟ ପରିମାଣରେ ସାମାନ୍ୟ ଅଧିକ ଅର୍ଥ ସମ୍ବାଦ ମଞ୍ଚର ଉନ୍ନତି ଲକ୍ଷ୍ୟେ ପ୍ରଦାନ କରିଥାନ୍ତି ।

ଉଦାହରଣରେ ଏକ ମୁଦ୍ରିତ ସମ୍ବାଦପତ୍ର ଖଣ୍ଡ ପିଛା ମୂଲ୍ୟ ୧୦ ଟଙ୍କା ଏବଂ ମାସିକ ୩୦୦ ଟଙ୍କା ହିସାବ କରାଯାଉଥିବା ସ୍ଥଳେ ସମ୍ବାଦ ମଞ୍ଚ ସଦସ୍ୟ ଚାନ୍ଦା ମାସିକ ୫୦୦ କିମ୍ବା ଏକ ହଜାର ଟଙ୍କା ନିର୍ଦ୍ଧାରିତ ହୋଇଥାଏ । ଭାରତରେ ଡ଼ିଜିଟାଲ ସମ୍ବାଦ ମଞ୍ଚ ଭାବେ ପ୍ରସିଦ୍ଧି ଲାଭ କରିଥିବା 'ଦି ଓ୍ୱାଇର' ମାସିକ ଚାନ୍ଦା ୫୦୦, ବାର୍ଷିକ ୧୨୦୦ ଓ ଏକକାଳୀନ ୨୦୦୦ ଟଙ୍କା ସହାୟତା ରାଶି ଆକାରରେ ଗ୍ରହଣ କରିଥାଏ । ତେବେ ବିନା ବ୍ୟୟରେ ସମ୍ବାଦ ମଞ୍ଚ ପରିଦର୍ଶନ ନିମନ୍ତେ କାହାରିକି ବାରଣ କରାଯାଏ ନାହି । ସେହିପରି ବାଙ୍ଗାଲୁରୁ ପ୍ରକାଶିତ ବାଣିଜ୍ୟ ସମ୍ବାଦ ଡ଼ିଜିଟାଲ ମଞ୍ଚ 'ଦି-କେନ' ଗ୍ରାହକ ଚାନ୍ଦା ତ୍ରୟମାସିକ ୨,୦୬୫ ଓ ବାର୍ଷିକ ୩,୨୪୫ ଟଙ୍କା ନିର୍ଦ୍ଧାରିତ ।

ସମ୍ବାଦ ମଞ୍ଚ ସଦସ୍ୟ ମଡ଼େଲ ସାମ୍ବାଦିକତାରେ ସୃଷ୍ଟ ବିଶ୍ୱାସନୀୟତା ଓ ବ୍ୟାବସାୟିକ ଉଭୟ ସଂକଟ ସମାଧାନରେ ସହାୟକ ହେବା ଆଶା କରାଯାଉଛି । ଅବଶ୍ୟ ମନେ ରଖିବାକୁ ହେବ ଯେ ସମ୍ବାଦ ମଞ୍ଚର ଆୟବୃଦ୍ଧି ତାଲିକାରେ ମହାମାରୀ-ପର ପରିବର୍ତ୍ତିତ ପରିବେଶରେ ବିକଶିତ ଗ୍ରାହକ ଚାନ୍ଦା, ବିଜ୍ଞାପନ, ବଦାନ୍ୟତା ସହ ସଦସ୍ୟ ଚାନ୍ଦା ଅନ୍ୟ ଏକ ଉପାଦାନ ମାତ୍ର । କେବଳ ସଦସ୍ୟତାକୁ ପୁଞ୍ଜିକରି ସମ୍ବାଦ ମଞ୍ଚ ପରିକଳ୍ପନା ହୁଏତ ବାସ୍ତବ କ୍ଷେତ୍ରରେ ସଫଳତା ହାସଲ ସମ୍ଭବ ହୋଇ ନ ପାରେ । ସଦସ୍ୟତା ଧାରାରେ ସମ୍ବାଦ ମଞ୍ଚ ସହ ଗୁଣଗ୍ରାହୀ ପାଠକମାନଙ୍କ ସଂପର୍କର ସେତୁ ନିର୍ମିତ ହୋଇଥାଏ । ଏହି କ୍ଷେତ୍ରରେ ପାଠକ-କେନ୍ଦ୍ରୀକ ସଂପାଦକୀୟ ନୀତି ପ୍ରବର୍ତ୍ତିତ କରାଯାଏ । ସମ୍ବାଦ ମଞ୍ଚ ପକ୍ଷରୁ ସମ୍ପାଦନାରେ ସ୍ୱଚ୍ଛତା ଅବଲମ୍ବନ କରି ସମ୍ବାଦ ପ୍ରଯୋଜନା ଓ ସମୀକ୍ଷାରେ ପାଠକମାନଙ୍କୁ ସଂଶ୍ଳିଷ୍ଟ ପ୍ରକ୍ରିୟାକୁ ଗୁରୁତ୍ୱ ଦିଆଯାଏ । ଅପରପକ୍ଷରେ ପାଠକମାନେ ସମ୍ବାଦର ଗୁଣବତ୍ତା ବିକାଶ ନିମନ୍ତେ ପରାମର୍ଶ ଦେବା ସହ ସମ୍ବାଦ ମଞ୍ଚର ପରିଚାଳନାରେ ସ୍ଥିରତା ସୃଷ୍ଟି ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ ଓ ଯୋଗାଡ଼ କରିବା ଦିଗରେ ଅଗଭର ହୋଇଥାନ୍ତି ।

ସଦସ୍ୟତା ମଡ଼େଲରେ ସମ୍ବାଦ ମଞ୍ଚ ପକ୍ଷରୁ ପାଠକୀୟ ପ୍ରତିକ୍ରିୟା, ପରାମର୍ଶ ଓ ସମ୍ବାଦ ସୂତ୍ର ଚିହ୍ନଟ 'ପିଚ' ନିମନ୍ତେ ଦୀର୍ଘ କଥୋପକଥନ 'କନଭରସେସନ'କୁ ଗୁରୁତ୍ୱ ଦିଆଯାଇଥାଏ । ଡ଼ିଜିଟାଲ ମଞ୍ଚରେ ପ୍ରକାଶିତ ସମ୍ବାଦ ପ୍ରତି ମନ୍ତବ୍ୟ 'କମେଣ୍ଟ' ପ୍ରଦାନ ଠାରୁ ଆରମ୍ଭ କରି ନିୟମିତ ବ୍ୟବଧାନରେ ଅନଲାଇନ ଓ ଅଫଲାଇନ ପାଠକ ସମାବେଶ, ପାଠକ ଓ ସାମ୍ବାଦିକଙ୍କ ମିଳିତ ଉଦ୍ୟମରେ ସମ୍ବାଦ ପ୍ରଯୋଜନା ତଥା ଆବଶ୍ୟକ ସ୍ଥଳେ ଅପିଲ, ଜନସଚେତନ ଓ ପ୍ରତିକାରାତ୍ମକ ପଦକ୍ଷେପମାନ ଗ୍ରହଣ କରାଯିବା ସମିଚୀନ । ଅର୍ଥାତ, ସମ୍ବାଦ ମଞ୍ଚ ପକ୍ଷରୁ ସଦସ୍ୟ ଶ୍ରେଣୀଭୁକ୍ତ ପାଠକ ମାନଙ୍କୁ କେବଳ ସାମାନ୍ୟ ଆର୍ଥିକ ଅନୁଦାନକାରୀ ସୂତ୍ର ବଦଳରେ ଗୁଣାତ୍ମକ ସାମ୍ବାଦିକତା ଓ ସଂପୃକ୍ତ ସମ୍ବାଦ ମଞ୍ଚ ବିକାଶର ପ୍ରୋତ୍ସାହକ ଭାବେ ଗ୍ରହଣ କରାଯାଇଥାଏ ।

'ମେମ୍ବରସିପ ପଜଲ' ଗବେଷଣାରୁ ଜଣାଯାଏ ଯେ ବିଭିନ୍ନ ସାମାଜିକ ବିଭ୍ରାଟକାଳରେ ବହୁ ନାଗରିକ ଉଦବେଗ ପ୍ରକାଶ କରିଥାନ୍ତି । ଏହାର ପ୍ରତିକାର ନିମନ୍ତେ ପଦକ୍ଷେପ ଗୁଡ଼ିକରେ ସେମାନେ ସ୍ୱତଃ ପ୍ରବୃତ୍ତ ଭାବେ ଅଂଶ ଗ୍ରହଣ କରିବାକୁ ଚାହିଁଥିଲେ ମଧ ବିଭିନ୍ନ କାରଣରୁ ତାହା ସଂଭବ ହୋଇପାରି ନଥାଏ । ଅନ୍ତତଃପକ୍ଷେ ପ୍ରତିବାଦର ସ୍ୱର ଉତ୍ତୋଳନ କିମ୍ବା ସମାଧାନର ସୂତ୍ର ପ୍ରସ୍ତାବନାରେ ସମ୍ବାଦ ମଞ୍ଚ ସରଳ, ସହଜ ଓ ଫଳପ୍ରଦ ବିବେଚିତ ହେଉଥିବା ହେତୁ ସୀମିତ ସଂଖ୍ୟକ ସଚେତନ ନାଗରିକ ସାମାନ୍ୟ ସମୟ, ଶ୍ରମ ଓ ଅର୍ଥ ଦାନ କରିବା ନିମନ୍ତେ କୁଣ୍ଠିତ ହୋଇ ନଥାନ୍ତି ।

ଏହି ଗୋଷ୍ଠୀକୁ ସମ୍ବାଦ ମଞ୍ଚଗୁଡ଼ିକ ନିଜସ୍ୱ ପରିଧିକୁ ନିମନ୍ତ୍ରଣ ନିମନ୍ତେ ସଦସ୍ୟତା ମଡ଼େଲ ଉପଯୁକ୍ତ ମନେ କରାଯାଏ । କହିବା ବାହୁଲ୍ୟ ଯେ ସମ୍ବାଦ ମଞ୍ଚଗୁଡ଼ିକ ସ୍ୱାବଲମ୍ବୀ ପଥରେ କିଛି ପାଦ ଆଗକୁ ବଢ଼ିଲେ ସେହି ମାତ୍ରାରେ ସ୍ୱାଧୀନ, ନିରପେକ୍ଷ ଓ ଗୁଣାତ୍ମକ ସାମ୍ବାଦିକତା ବିକାଶରେ ସଂପୃକ୍ତ ହେବା ନିମନ୍ତେ ଅବକାଶ ସୃଷ୍ଟି ହୋଇ ପାରେ ।

## ୧୦୮ ର... ଚତୁର୍ଥ ପୃଷ୍ଠାର ଅବଶିଷ୍ଟାଂଶ

ଭାରତୀୟ ପରମ୍ପରାରେ ସୂର୍ଯ୍ୟ ସିଦ୍ଧାନ୍ତ ସର୍ବପୁରାତନ ଜ୍ୟୋତିଷ ଶାସ୍ତ୍ର । ସୂର୍ଯ୍ୟ ସିଦ୍ଧାନ୍ତରେ ଉଲ୍ଲେଖ ଅଛି, ପୃଥିବୀ ଗୋଲକରେ ଭାରତ ଯେଉଁ ସ୍ଥାନରେ ଅଛି ତା'ର ଠିକ୍ ବିପରୀତରେ ଏକ ମହାନ ସହର ଅଛି । ଭାରତରେ ଯେତେବେଳେ ସୂର୍ଯ୍ୟ ଅସ୍ତ ହୁଅନ୍ତି, ସେଠାରେ ଠିକ୍ ସେତିକିବେଳେ ସୂର୍ଯ୍ୟ ଅସ୍ତ ଯାଆନ୍ତି । ଏହି ସହରରେ ଜ୍ଞାନୀଗୁଣୀମାନେ ବାସ କରନ୍ତି । ଗ୍ଲୋବରେ ଭାରତ ଯେଉଁଠି ଅଛି ତା'ର ଠିକ୍ ବିପରୀତରେ ରହିଛି ମେକ୍ସିକୋ । ମେକ୍ସିକୋର ମାୟା ସଭ୍ୟତାର ବାସିନ୍ଦାମାନେ ମହାନ ଜ୍ୟୋତିଷ ଥିଲେ ବୋଲି ପ୍ରମାଣ ମିଳିଛି । ଅର୍ଥାତ୍ କଲମ୍ବସ ଆମେରିକା ଆବିଷ୍କାର କରିବାର ବହୁ ଶତାବ୍ଦୀ ପୂର୍ବରୁ ଭାରତୀୟ ମୁନିଋଷିମାନେ କେନ୍ଦ୍ର ଆମେରିକାର ଏହି ମହାନ ସଭ୍ୟତା ସମ୍ପର୍କରେ ଅବଗତ ଥିଲେ । ଏଥିରୁ ସ୍ପଷ୍ଟ ଜଣାପଡୁଛି ପ୍ରାଚୀନ ଭାରତୀୟ ଋଷିମୁନିମାନଙ୍କ ପାଇଁ ଆଧୁନିକ ଜ୍ୟୋତିଷୀୟ ଉପକରଣର ଆବଶ୍ୟକତା ନ ଥିଲା । ସେମାନେ ଯୋଗ ଦ୍ୱାରା ସମସ୍ତ ଜ୍ଞାନ ଲାଭ କରି ପାରୁଥିଲେ । ତେଣୁ ପ୍ରାଚୀନ ଭାରତୀୟ ଶାସ୍ତ୍ରରେ ୧୦୮ ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଥିବାରୁ ଓ ବର୍ତ୍ତମାନ ବିଜ୍ଞାନ ଦ୍ୱାରା ଏହା ପ୍ରମାଣିତ ହେଉଥିବାରୁ ଆମେ ଏହାର ମହତ୍ତ୍ୱ ବିଷୟରେ ଜାଣିବା ଉଚିତ । ଗୋଟିଏ ମିନିଟରେ ଆମେ ପ୍ରାୟ ୧୫ ଥର ପ୍ରଶ୍ୱାସ ନେଉ । ତେଣୁ ଘଣ୍ଟାକେ ପ୍ରାୟ ୯୦୦ ଥର ଓ ୧୨ ଘଣ୍ଟାରେ ୧୦୮୦୦ ଥର ଓ ଦିନରେ ୨ × ୧୦୮୦୦ ଥର । ଯଦି ଆମେ ଦିନଚର୍ଯ୍ୟା ପାଇଁ ୧୨ ଘଣ୍ଟା ରଖି ଅନ୍ୟ ୧୨ ଘଣ୍ଟାରେ ଈଶ୍ୱରଙ୍କ ନାମ ଜପ କରିବା ତେବେ ଆମେ ୧୦୮୦୦ ଥର ଜପ କରିପାରିବା । ନିଜର ସମସ୍ତ ଧ୍ୟାନ ଈଶ୍ୱରଙ୍କ ନାମ ଜପ ପାଇଁ କେନ୍ଦ୍ରିତ କଲେ ଏହାର ସର୍ବାଧିକ ସୁଫଳ ମିଳେ । ସେହିପରି ଯେକୌଣସି ମନ୍ତ୍ରର ସମ୍ପୂର୍ଣ୍ଣ ସୁଫଳ ନିମନ୍ତେ ୧୦୮ ଥର ଜପ କରିବା ନିତାନ୍ତ ଆବଶ୍ୟକ ।

ମନୁଷ୍ୟର ୧୦୮ ମାୟା ବା ଅଜ୍ଞାନତା ରହିଛି । ହିନ୍ଦୁ ମୁନିଋଷିମାନେ ୧୦୮ ଟି ଉପନିଷଦ୍ ରଚନା କରିଥିଲେ । ଆମେ ଶରୀରରେ ୧୦୮ଟି ମର୍ମସ୍ଥଳୀ ବା ଶକ୍ତିରେଖାଚ୍ଛେଦ ସ୍ଥଳି ରହିଛି । ମନୁଷ୍ୟ ମନରେ ସବୁବେଳେ ୧୦୮ ପ୍ରକାର ଭାବନା ଥାଏ । ବେଦରେ ମୁଖ୍ୟ ଦେବଦେବୀଙ୍କ ସଂଖ୍ୟା ୧୦୮ । ଭାରତୀୟ ନୃତ୍ୟ ପରମ୍ପରାରେ ୧୦୮ ପ୍ରକାର ନୃତ୍ୟ ଶୈଳୀ ରହିଛି । ଶାସ୍ତ୍ର ଅନୁଯାୟୀ ପ୍ରଶଂସନୀୟ ବ୍ୟକ୍ତିର ୧୦୮ ଟି ସୁଗୁଣ ଥାଏ ।

## ବର୍ଷା ଅଭାବ... ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କିନ୍ତୁ ଅଗଷ୍ଟ ଆରମ୍ଭରୁ ହିଁ ରାଜ୍ୟରୁ ମୌସୁମୀ ଉଭାନ ହୋଇଯାଇଛି । ଗତ ୨୦ ଦିନ ମଧ୍ୟରେ କାଁ ଭାଁ କିଛି ସ୍ଥାନରେ ବର୍ଷା ହୋଇଥିବା ବେଳେ ଅଧିକାଂଶ ସ୍ଥାନରେ ଚାଷ ଉପଯୋଗୀ ବର୍ଷା ହୋଇ ନାହିଁ । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ଆକଳନ କହୁଛି ଅଗଷ୍ଟ ଶେଷ ସୁଦ୍ଧା ଲଘୁଚାପ ସୃଷ୍ଟି ହେବାର ଆଶା କରାଯାଉଛି । ଏହା ଫଳରେ ମୌସୁମୀ ସକ୍ରିୟ ହୋଇ ଭଲ ଧରଣର ବର୍ଷା ହୋଇ ପାରେ ବୋଲି କୁହାଯାଉଛି । ତେବେ ଏଭଳି ପରିସ୍ଥିତି ଆଉ ଦୁଇ ସପ୍ତାହ ଲାଗି ରହିଲେ ଫସଲ ଅମଳ ବାଧାପ୍ରାପ୍ତ ହେବ ବୋଲି କୃଷକମାନେ ମତ ପ୍ରକାଶ କଲେଣି ।

ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନାନୁଯାୟୀ ଜୁନ ପହିଲାରୁ ଅଗଷ୍ଟ ୨୦ ସୁଦ୍ଧା ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଜନିତ ସ୍ୱାଭାବିକ ବର୍ଷା ୭୯୧.୯ ମି.ମି ହେବାକୁ ଥିବାବେଳେ ୫୬୨.୪ ମିମି ହୋଇଛି । ୨୫ ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସର୍ବାଧିକ ପ୍ରଭାବିତ ଜିଲ୍ଲା ମଧ୍ୟରେ ଯାଜପୁରରେ ସ୍ୱାଭାବିକ ଠାରୁ ୫୪ ପ୍ରତିଶତ କମ ବର୍ଷା ରେକର୍ଡ କରାଯାଇଛି । ଭଦ୍ରକରେ ୫୨ ପ୍ରତିଶତ, ବଲାଙ୍ଗୀର ଓ କେନ୍ଦୁଝରରେ ୪୨ ପ୍ରତିଶତ ଏବଂ ଅନୁଗୋଳରେ ୪୦ ପ୍ରତିଶତ ନିଅଣ୍ଟିଆ ବୃଷ୍ଟିପାତ ଦ୍ୱାରା ଏଠାରେ ମରୁଡି ଦେଖାଦେଲାଣି । ନୋଇଡା ସ୍ଥିତ ପାଣିପାଗ ଗବେଷଣା କେନ୍ଦ୍ର ଆକଳନ କହୁଛି, ବର୍ତ୍ତମାନ ମୌସୁମିର ଯେଉଁ ପରିସ୍ଥିତି ରହିଛି ଆଗକୁ ଆହୁରି ଜଟିଳ ହୋଇ ପଡିବ । ପରବର୍ତ୍ତୀ ସମୟରେ ପୁଣି ମୌସୁମୀ ଦୁର୍ବଳ ହୋଇପଡିବ । ଅର୍ଥାତ ଅଗଷ୍ଟ ପରି ସେପ୍ଟେମ୍ବରରେ ମଧ ସ୍ଥିତି ସଙ୍ଗୀନ ରହିବ । ଆଗକୁ ଏଭଳି ପରିସ୍ଥିତି ଉପୁଜିବାର ସମ୍ଭାବନା ଥିବାରୁ ମରୁଡି ଆଶଙ୍କା ଅବଶ୍ୟମ୍ଭାବୀ ବୋଲି କୁହାଯାଉଛି । ମୌସୁମୀ ଋତୁରେ ବଙ୍ଗୋପସାଗରରେ ୧୨ ଟି ଲଘୁଚାପ ସୃଷ୍ଟି ହୋଇଥାଏ । ଏଯାବତ୍ ମାତ୍ର ୫ ଲଘୁଚାପ ସୃଷ୍ଟି ହୋଇଛି । ଏସବୁ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ କମ ରହିବା ଦ୍ୱାରା ସ୍ୱାଭାବିକ ବୃଷ୍ଟିପାତ ହୋଇ ପାରିଲା ନାହିଁ ।

ପାଣିପାଗ ଜନିତ ମରୁଡ଼ି କେବଳ ବର୍ଷାର ପରିମାଣ ଉପରେ ନିର୍ଭର କରୁଥିବା ବେଳେ ଚାଷ ସହ ଜଡିତ ମରୁଡି ଉଭୟ ବର୍ଷାର ପରିମାଣ ଏବଂ ବର୍ଷା ଅନୁଭୂତ ହେଉଥିବା ସମୟ ଉପରେ ନିର୍ଭର କରିଥାଏ । ଚଳିତ ମାସର ଏ ପର୍ଯ୍ୟନ୍ତ ବରଗଡ଼, ଭଦ୍ରକ, ବଲାଙ୍ଗୀର, ଦେଓଗଡ଼, ଢେଙ୍କାନାଳ, ଜଗତସିଂହପୁର, ଝାରସୁଗୁଡ଼ା, ଯାଜପୁର, କଳାହାଣ୍ଡି କନ୍ଧମାଳ, କେନ୍ଦ୍ରାପଡ଼ା, କେନ୍ଦୁଝର, ମୟୂରଭଞ୍ଜ, ପୁରୀ, ସମ୍ବଲପୁର, ସୋନପୁର ଓ ସୁନ୍ଦରଗଡ଼ ଜିଲ୍ଲାରେ ବର୍ଷା ୫୦ରୁ ୭୦ ପ୍ରତିଶତ କମି ଥିବାରୁ ଏହି ଜିଲ୍ଲା ଗୁଡିକରେ ମରୁଡି ପରିସ୍ଥିତି ଦେଖା ଦେଇଛି । ବୌଦ୍ଧ ଏବଂ ଅନୁଗୋଳ ଜିଲ୍ଲାରେ ଯଥାକ୍ରମେ ୭୯ ପ୍ରତିଶତ ଓ ୮୨ ପ୍ରତିଶତ କମ ବର୍ଷା ଯୋଗୁଁ ଭୟଙ୍କର ମରୁଡି ପରିସ୍ଥିତି ସୃଷ୍ଟି ହୋଇଛି । ପାଣିପାଗ ବିଭାଗ ଆକଳନ କହୁଛି ଯେ, ଆଗକୁ ମୌସୁମି ମୁଖ୍ୟତଃ ଦୁର୍ବଳ ରହିବାର ସମ୍ଭାବନା ରହୁଛି । ତେଣୁ ଆଗାମୀ ଦିନରେ ମରୁଡି ପରିସ୍ଥିତି ଆହୁରି ଭୟଙ୍କର ହେବାକୁ ଯାଉଛି ।

## ତ୍ରିନାଥ ସ୍ୱାଇଁଙ୍କ ପରଲୋକ

ସମ୍ବଲପୁର : ସମ୍ବଲପୁର ସହର ବିଜେଡିର ଜଣେ ପୁରୁଣା ନେତା ତ୍ରିନାଥ ସ୍ୱାଇଁଙ୍କ ପରଲୋକ ହୋଇଛି । ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହେଉଥିଲା । ସେ ତାଙ୍କ ପତ୍ନୀ, ତିନି ପୁଅଙ୍କୁ ଛାଡି ଯାଇଛନ୍ତି । ବ୍ରହ୍ମପୁରର ମୂଳ ବାସିନ୍ଦା ଶ୍ରୀ ସ୍ୱାଇଁ ଏଠାକୁ ଆସି ଏକ ଛୋଟ ବ୍ୟବସାୟ କରିବା ସାଙ୍ଗକୁ ତାଙ୍କ ରାଜନୈତିକ କ୍ୟାରିଅର ସ୍ୱତନ୍ତ୍ର ପାର୍ଟିରୁ ଆରମ୍ଭ କରିଥିଲେ । ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜଣେ ଦୃଢ଼ ସମର୍ଥକ ଥିବା ଶ୍ରୀ ସ୍ୱାଇଁ ପରେ ଜନତା ଦଳ ଓ ଶେଷ ପର୍ଯ୍ୟନ୍ତ ବିଜେଡିରେ ହିଁ ରହିଥିଲେ । ଏଥି ସହ ଅନେକ ପଦ ପଦବୀରେ ମଧ ସେ ରହିଥିଲେ । ବଡ଼ପୁଅ ଅନ୍ତରାମ ମୁଖାଗ୍ନି ଦେଇଥିଲେ । ପୂର୍ବତନ ରାଜ୍ୟସଭା ସାଂସଦ ସୁଶ୍ରୀ ପ୍ରମିଳା ବହିଦାର, ପୂର୍ବତନ ସାଂସଦ ଶ୍ରୀ ଭବାନୀଶଙ୍କର ହୋତା, ପୂର୍ବତନ କାଉନସିଲର ବିହାରୀଲାଲ ପନ୍‌ସାରୀ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ତାଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି ।

## ସୁନ୍ଦରଗଡ଼ରେ 'ଇ-ସ୍ୱାସ୍ଥ୍ୟ' ସେବା ଆରମ୍ଭ

ସୁନ୍ଦରଗଡ଼ : ସ୍ୱାଧୀନତା ଦିବସ ଅବସରରେ ସୁନ୍ଦରଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ତିନୋଟି ନୂଆ ଜନକଲ୍ୟାଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି । ସ୍ଥାନୀୟ ବିକାଶ ଭବନଠାରେ ଆୟୋଜିତ ଏହି ସ୍ୱତନ୍ତ୍ର ଉତ୍ସବରେ ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟ ତଥା ଶ୍ରମିକଙ୍କ ସୁରକ୍ଷା ଲାଗି ଏହି କାର୍ଯ୍ୟକ୍ରମଗୁଡିକୁ ଲୋକାର୍ପଣ କରିଛନ୍ତି । ସୁନ୍ଦରଗଡ଼ର ସହରରୁ ଗାଁ ପର୍ଯ୍ୟନ୍ତ ଲୋକଙ୍କୁ ମାଗଣାରେ ଡାକ୍ତରୀ ପରୀକ୍ଷା ସେବା ଯୋଗାଇ ଦେବା ପାଇଁ 'ଇ ସ୍ୱାସ୍ଥ୍ୟ', ବ୍ଲକ ସ୍ତରରେ ଫିଜିଓଥେରାପି ଏବଂ ବିଭିନ୍ନ ଆଧୁନିକ ଥେରାପି ଲାଗି 'ସମନ୍ୱିତ ଭୌତିକ ଚିକିତ୍ସା' ସହ ଜିଲ୍ଲାର ଶ୍ରମିକମାନଙ୍କ ନିରାପତ୍ତା ଓ ସ୍ୱାସ୍ଥ୍ୟରକ୍ଷା ଲାଗି ସ୍ୱତନ୍ତ୍ର 'ସୁରକ୍ଷା କିଟ୍' ବ୍ୟବସ୍ଥା ଆରମ୍ଭ କରାଯାଉଛି । ସ୍ପିରୁଲିନା ଓ ମାଣ୍ଡିଆ ଲଡୁ ଜିଲ୍ଲାରେ ପିଲାଙ୍କ ପୋଷଣ କାର୍ଯ୍ୟକ୍ରମରେ ସାମିଲ କରାଯାଇଥିବା ଏହି ଦୁଇଟି ପୁଷ୍ଟିକର ଖାଦ୍ୟର ସଫଳତା ଆମର ଉତ୍ସାହ ବଢ଼ାଇଛି । ଏହାଛଡ଼ା 'ଇ ସ୍ୱାସ୍ଥ୍ୟ' ଏବଂ ଫିଜିଓଥେରାପି ଭଳି ଗୁରୁତ୍ୱପୂର୍ଣ୍ଣ ସେବା ଏବେ ସାଧାରଣ ଲୋକଙ୍କ ପାଇଁ ବିଶେଷ ଉପକାରୀ ହୋଇ ପାରିବ । ମୁଖ୍ୟତଃ ସହରାଞ୍ଚଳରେ ମିଳୁଥିବା ବିଭିନ୍ନ ସ୍ୱାସ୍ଥ୍ୟସେବା ଓ ସୁବିଧା କିଭଳି ଗ୍ରାମାଞ୍ଚଳରେ ଲୋକଙ୍କ ପାଖରେ ପହଞ୍ଚିପାରିବ, ସେଥିପାଇଁ ଆମେ ଏହି ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛୁ ବୋଲି ଜିଲ୍ଲାପାଳ ନିଖିଳ ପବନ କଲ୍ୟାଣ କହିଛନ୍ତି । ସୁନ୍ଦରଗଡ଼ ଜିଲ୍ଲାରେ 'ଇ ସ୍ୱାସ୍ଥ୍ୟ' ସେବା କାର୍ଯ୍ୟକାରୀ ହେବା ଦ୍ୱାରା ଏବେ ଜିଲ୍ଲାବାସୀ ମାଗଣାରେ ବିଭିନ୍ନ ପ୍ରକାର ଡାକ୍ତରୀ ପରୀକ୍ଷା କରିପାରିବେ । ଟେକ୍ନୋଲୋଜିର ବ୍ୟବହାର କରି ହିତାଧିକାରୀମାନଙ୍କ ରକ୍ତ ଓ ମୂତ୍ରର ନମୁନାରୁ ୭୬ ପ୍ରକାର ପରୀକ୍ଷାର ରିପୋର୍ଟ ମିଳିପାରିବ । ସେହିପରି ରୋଗୀଙ୍କ ଉଚ୍ଚତା, ଓଜନ, ରକ୍ତଚାପ, ରକ୍ତ ଶର୍କରା ଇସିଜି ପରୀକ୍ଷା କରି ରେକର୍ଡ କରାଯିବ । ଜିଲ୍ଲାର ୧୨ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଏଥିପାଇଁ 'ଲ୍ୟାବ୍ ଇନ୍ ଦ ବ୍ୟାଗ' ସୁବିଧା ରହିବ । ଏହାଛଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ନମୁନା ସଂଗ୍ରହ କେନ୍ଦ୍ର କରାଯାଇ ଲୋକଙ୍କୁ ଏହି ସେବା ସହିତ ଯୋଡ଼ାଯିବ ।

ଇ ସ୍ୱାସ୍ଥ୍ୟ ଡିଜିଟାଲ ସେବା ମାଧ୍ୟମରେ 'ମାତୃ ଜ୍ୟୋତି' କାର୍ଯ୍ୟକ୍ରମର ଡାଟା ଡିଜିଟାଇଜେସନ ମଧ କରାଯିବ । ଏହାଦ୍ୱାରା ଗର୍ଭବତୀ ମା' ମାନଙ୍କର ମେଡିକାଲ ହିଷ୍ଟ୍ରି ରେକର୍ଡ ହେବା ସହ ସେମାନଙ୍କର ଚିକିତ୍ସା ଲାଗି ଆବଶ୍ୟକ ବେଳେ ସେହି ସୂଚନା ତୁରନ୍ତ ମିଳିପାରିବ । ସ୍ୱତନ୍ତ୍ର ପୋର୍ଟାଲ ଏବଂ ମୋବାଇଲ ଆପ୍ ମାଧ୍ୟମରେ ଏହି ଡିଜିଟାଲ ଡାଟା ପରିଚାଳନା କରାଯିବ । ଏବେ ସମନ୍ୱିତ ଭୌତିକ ଚିକିତ୍ସା ସେବା ଆରମ୍ଭ କରାଯିବା ଫଳରେ ସୁନ୍ଦରଗଡ଼ ଜିଲ୍ଲାର ୧୧ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ୧୫୦ରୁ ଅଧିକ ଗାଁର ଲୋକଙ୍କୁ ଏହି ସେବା ମାଗଣାରେ ଯୋଗାଇ ଦିଆଯିବ । ଜିଲ୍ଲାର ଖଣି ଖାଦାନ, କଳ କାରଖାନା, ନିର୍ମାଣ ଏବଂ ଅନ୍ୟ କ୍ଷେତ୍ରରେ କାମ କରୁଥିବା ଶ୍ରମିକଙ୍କ ନିରାପତ୍ତା ପାଇଁ ଏକ ସ୍ୱତନ୍ତ୍ର କିଟ୍ ବ୍ୟବସ୍ଥା କରାଯାଇଛି । କର୍ଣ୍ଣାଟକସ୍ଥିତ ସିରୁଲିନା ଫାଉଣ୍ଡେସନର ଅଧ୍ୟକ୍ଷ ମହେଶ ଆର.ଭି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ସ୍ପିରୁଲିନାର ପ୍ରସାର ପାଇଁ ସୁନ୍ଦରଗଡ଼ ଜିଲ୍ଲାପାଳଙ୍କ ଉଦ୍ୟମର ପ୍ରଶଂସା କରିଛନ୍ତି । ଏହି ଅବସରରେ ମାଣ୍ଡିଆରୁ ପ୍ରସ୍ତୁତ ବିଭିନ୍ନ ସୁଆଦିଆ ଖାଦ୍ୟ ପ୍ରଦର୍ଶନୀକୁ ଜିଲ୍ଲାପାଳ ଓ ଅନ୍ୟ ଅଧିକାରୀମାନେ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଭୈରବ ସିଂ ପଟେଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସରୋଜ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରାମଚନ୍ଦ୍ର ନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପ୍ରବାସିନୀ ଚକ୍ର ଏବଂ ଡିଏମଏଫର ଅଧିକାରୀ ଉପସ୍ଥିତ ଥିଲେ ।

## ସୁଶୀଳ ହୋତାଙ୍କ ପରଲୋକ

ସମ୍ବଲପୁର : ପୂର୍ବତନ ଅତିରିକ୍ତ ପୁଲିସ ଅଧୀକ୍ଷକ ସୁଶୀଳ ହୋତାଙ୍କ ୮୦ ବର୍ଷ ବୟସରେ ପରଲୋକ ହୋଇଯାଇଛି । ଦେବଗଡ଼ର ମୂଳନିବାସୀ ସ୍ୱର୍ଗତ ହୋତା ପାଠପଢ଼ା ପରେ ପୁଲିସ ବିଭାଗରେ ଯୋଗ ଦେଇ ବିଭିନ୍ନ ପଦରେ ରହି ଶେଷରେ ସମ୍ବଲପୁରର ଅତିରିକ୍ତ ପୁଲିସ ଅଧୀକ୍ଷକ ଭାବରେ ଅବସର ଗ୍ରହଣ କରିଥିଲେ । ସେ କିଛିଦିନ ହେବ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଭୁବନେଶ୍ୱରରେ ପୁଅ ଘରେ ରହି ଚିକିତ୍ସିତ ହେଉଥିଲେ । ପୁତ୍ର ପ୍ରବାଳ ହୋତା ମୁଖାଗ୍ନି ଦେଇ ଅନ୍ତିମ ସଂସ୍କାର କରିଥିଲେ ।

## 'ଜ୍ୟୋତି'ର ମହତ୍ କାର୍ଯ୍ୟ

ସମ୍ବଲପୁର: 'ଭିନ୍ନକ୍ଷମ ବିବାହ ସଂଯୋଗ କେନ୍ଦ୍ର ତରଫରୁ ଏକ ମହତ୍ ନିଆରା, ବିବାହ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇଅଛି । 'ଜ୍ୟୋତି'ର ଉଦ୍ୟମରେ ଜିଲ୍ଲା ପଞ୍ଜିକରଣ କାର୍ଯ୍ୟାଳୟ ଠାରେ, ପଞ୍ଜିକରଣ ଅଧିକାରୀ ଏବଂ ଜ୍ୟୋତିର ସଦସ୍ୟମାନଙ୍କ ଉପସ୍ଥିତିରେ, ଦିବ୍ୟାଙ୍ଗ ଯୁବକ ଶ୍ରୀ ଜଗନ୍ନାଥ ପୋଢ଼ ଏବଂ ଶ୍ରୀମତୀ କଳ୍ପନା ପୋଢ଼ଙ୍କ ର ବିବାହ ପଞ୍ଜିକରଣ ହୋଇଥିଲା । କୋଭିଡ୍ କଟକଣା ଯୋଗୁଁ ଉଭୟ ଦମ୍ପତିଙ୍କର ବିବାହ ସମ୍ବର୍ଦ୍ଧନା ଉତ୍ସବ ପାଳନ କରାଯାଇ ପାରି ନ ଥିଲା । 'ଜ୍ୟୋତି' ଅନୁଷ୍ଠାନର ସଦସ୍ୟ ମାନେ ବର୍ଷାପାଲି ସ୍ଥିତ ଜଗନ୍ନାଥ ପୋଢ଼ଙ୍କ ବାସଭବନକୁ ଯାଇ ଗ୍ରାମବାସୀଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧନା ଉତ୍ସବ ପାଳନ ପୂର୍ବକ ନବ ଦମ୍ପତିଙ୍କୁ ଆଶିର୍ବାଦ ପ୍ରଦାନ କରିଥିଲେ । ଏହି ଦମ୍ପତିଙ୍କୁ ଜ୍ୟୋତି ଅନୁଷ୍ଠାନ ନିଜର ପୁତ୍ର କନ୍ୟା ମନେକରି, ସମସ୍ତ ନୀତିବିଧି ସହ ଉଭୟଙ୍କ ପାଇଁ ନବବସ୍ତ୍ର , ଝିଅ ପାଇଁ ସୁହାଗ୍ ସାମଗ୍ରୀ ଏବଂ ଝିଅ ପଠାଣିରେ ବ୍ୟବହୃତ ସମସ୍ତ ପିଠାପଣା, ଫଳ, ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ । ଗ୍ରାମବାସୀଙ୍କ ସହିତ ଏକ ନିଆରା ଖୁସିର ବାତାବରଣ ସୃଷ୍ଟି ହୋଇଥିଲା । ଏହି କାର୍ଯ୍ୟକ୍ରମରେ 'ଜ୍ୟୋତି'ର ସଭାପତି ଡ଼ଃ ପରେଶ୍ ଚନ୍ଦ୍ର ଦାନୀ, ଉପଦେଷ୍ଟା ପ୍ରଫେସର ଶଙ୍କର ପ୍ରସାଦ ପତି, ଉପସଭାପତି ଅଖିଳ ରଞ୍ଜନ ପଟ୍ଟନାୟକ, ସଂଯୋଜକ କଳ୍ପନା ମିଶ୍ର, ଆଇନ୍ ପରାମର୍ଶ ଦାତା ବୋଧରାମ ଦାଶ, ବରିଷ୍ଠ ସଦସ୍ୟ ସୁମତୀ ବେରିହା, ରବିନାରାୟଣ ନନ୍ଦ ପ୍ରମୁଖ ଯୋଗ ଦେଇଥିଲେ ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ତୁଳସୀ ସାହିତ୍ୟର ଆଜି ବି ପ୍ରାସଙ୍ଗିକତା ରହିଛି






ସମ୍ବଲପୁର : ତୁଳସୀ ସାହିତ୍ୟର ଆଜି ବି ପ୍ରାସଙ୍ଗିକତା ରହିଛି । ସମ୍ପ୍ରତି ଦେଶରେ ଦେଖା ଦେଇଥିବା ବିଶୃଙ୍ଖଳା ଓ ଭ୍ରଷ୍ଟାଚାର ଦୂର କରିବା ପାଇଁ ତୁଳସୀ ଦାସଙ୍କ ରଚିତ 'ରାମ ଚରିତ ମାନସ' ହିଁ ସଠିକ୍ ମାର୍ଗଦର୍ଶନ କରି ପାରିବ । ସନ୍ଥ ତୁଳସୀ ଦାସ ତାଙ୍କ କାଳଜୟୀ ସାହିତ୍ୟ ରଚନା ପାଇଁ ଚିର ଦିନ ଅମର ରହିବେ ବୋଲି ବିଶିଷ୍ଟ ବ୍ୟକ୍ତିମାନେ ମତ ପ୍ରକାଶ କରିଛନ୍ତି ।

ସାପ୍ତାହିକ 'ସ୍ୱୀକାର' ପକ୍ଷରୁ ଆୟୋଜିତ ତୁଳସୀ ଦାସ ଜୟନ୍ତୀ ଉତ୍ସବରେ ଭରତ ଦାସ ରାମାୟଣୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କହିଥିଲେ ଯେ, ତୁଳସୀ ଦାସଙ୍କ ରଚିତ ଶ୍ରୀ ରାମଚରିତ ମାନସର ସ୍ଥାନ କେବଳ ହିନ୍ଦୀ ସାହିତ୍ୟରେ ନୁହେଁ ଜଗତର ସାହିତ୍ୟରେ ବିରଳ ଅଟେ । ତୁଳସୀ ଦାସ ସିଦ୍ଧାନ୍ତ ସହିତ ବ୍ୟବହାରର କଥା କହିଛନ୍ତି । ରାମ ଚରିତ ମାନସରେ ମାନବ ଜୀବନର ସମସ୍ୟା ଗୁଡିକର ସମ୍ପୂର୍ଣ୍ଣ ସମାଧାନ ମିଳିଥାଏ । ରାମଚରିତ ମାନସରେ ତୁଳସୀ ଦାସଙ୍କ ଚମତ୍କାର ଶବ୍ଦ ସଂଯୋଜନାର ଅନେକ ଦୃଷ୍ଟାନ୍ତ ଦେଇ ସେ କହିଥିଲେ ଯେ, ଏହାର ରଚନା ଏପରି ସର୍ବାଙ୍ଗ ସୁନ୍ଦର, ଉତ୍ତମ କାବ୍ୟର ଲକ୍ଷଣରେ ଯୁକ୍ତ ସାହିତ୍ୟକୁ ସମସ୍ତ ରସର ଆସ୍ୱାଦନ କରିବା ବାଲା କାବ୍ୟକଳା ଦୃଷ୍ଟିରେ ବି ଉଚ୍ଚକୋଟୀର ତଥା ଆଦର୍ଶ ଗୃହସ୍ଥ ଜୀବନ, ରାଜଧର୍ମ, ପାରିବାରିକ ଜୀବନ, ପତିବ୍ରତ୍ୟ ଧର୍ମ, ଭ୍ରାତୃ ଧର୍ମ ରହିଛି ଯେ, ଏପର୍ଯ୍ୟନ୍ତ ଅନ୍ୟ କୌଣସି ଗ୍ରନ୍ଥ କୌଣସି ଭାଷାରେ ଲେଖା ଯାଇ ପାରି ନାହିଁ । ଏହି କାରଣରୁ ଏହାକୁ ଗରିବରୁ ଧନୀ, ଶିକ୍ଷିତ, ଅଶିକ୍ଷିତ, ଗୃହସ୍ଥ, ସନ୍ୟାସୀ, ସ୍ତ୍ରୀ, ପୁରୁଷ, ବାଳକ ବୃଦ୍ଧ ସମସ୍ତ ଶ୍ରେଣୀର ଲୋକ ଏହି ଗ୍ରନ୍ଥକୁ ଆଗ୍ରହର ସହ ପଢ଼ନ୍ତି । ଭକ୍ତି, ଜ୍ଞାନ, ନୀତି ସଦାଚାରର ଯେତିକି ପ୍ରଚାର ଏହି ଗ୍ରନ୍ଥରେ ହୋଇଛି ସେତିକି ଅନ୍ୟ ଗ୍ରନ୍ଥରେ ହୋଇ ନାହିଁ ।

ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରଫେସର ସଦନ କୁମାର ପାଳ ଉତ୍ସବରେ ମୁଖ୍ୟବକ୍ତା ରୂପେ ଯୋଗ ଦେଇ କହିଥିଲେ ଯେ, ଶ୍ରୀରାମ ଚରିତ ମାନସରେ କାହାରିର ବିରୋଧ ନାହିଁ । ଏହା ସମନ୍ୱୟର ଉଦାହରଣ ଦେଇଥାଏ । ଲୋକ ମଙ୍ଗଳ ସହିତ ଯୋଡ଼ିବା ପାଇଁ ଏହା ବାର୍ତ୍ତା ଦେଇଥାଏ । ଜୀବନକୁ ବୁଝିବା ପାଇଁ ତୁଳସୀ ସାହିତ୍ୟର ପଢ଼ିବା ଆବଶ୍ୟକତା ରହିଛି । ତୁଳସୀ





## 'ସ୍ୱୀକାର' ପକ୍ଷରୁ ସନ୍ଥ ତୁଳସୀ ଦାସ ଜୟନ୍ତୀ

ଦାସଙ୍କୁ ଆଜି ମଧ ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ଓ ସନ୍ଥମାନେ ଜୀବିତ ରଖିଛନ୍ତି । ତୁଳସୀ ଦାସ ଯେ, ଜଣେ କବି ଥିଲେ ତାହା ନୁହେଁ ସେ ଜଣେ ସମାଜ ସଂସ୍କାରକ ମଧ ଥିଲେ । ସେ ଜଣେ ମହାନ୍ ବିଦ୍ୱାନ ଥିଲେ ମଧ ଜନଭାଷାକୁ ଆପଣେଇ ନେଇ ରାମଚରିତ ମାନସ ରଚନା କରିଥିଲେ । ରାମଚରିତ ମାନସରେ ଉଲ୍ଲିଖିତ ରାମରାଜ୍ୟକୁ ମହାତ୍ମା ଗାନ୍ଧୀ ଅନୁକରଣ କରି ରାମ ରାଜ୍ୟର ପରିକଳ୍ପନା କରିଥିଲେ । ତତ୍କାଳୀନ ବିଶୃଙ୍ଖଳିତ ସମାଜକୁ ଶୃଙ୍ଖଳିତ କରିବା ପାଇଁ ତୁଳସୀ ଦାସ ତାଙ୍କ ରଚନାରେ ଉଦ୍ୟମ କରିଛନ୍ତି ।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗର ପ୍ରଫେସର ମୁରାରୀ ଲାଲ ଶର୍ମା ଏଥିରେ ଯୋଗ ଦେଇ କହିଥିଲେ ଯେ, ରାମଚରିତ ମାନସ ବିଭିନ୍ନ ଭାଷାରେ ଅନୁବାଦ ହୋଇଛି । ଏହା ଏତେ ଜନପ୍ରିୟ ହୋଇ ପାରିଛି ଯେ, ଇଂରେଜ ମାନେ ମଧ ତାର ଉଚ୍ଚ ପ୍ରଶଂସା କରିଛନ୍ତି ।

ସମ୍ବଲପୁର ସରକାରୀ ମହାବିଦ୍ୟାଳୟର ହିନ୍ଦୀ ବିଭାଗର ଅଧାପକ ଡକ୍ଟର ଜୟନ୍ତ କର ଶର୍ମା କହିଥିଲେ ଯେ, ମହାତ୍ମା ଗାନ୍ଧୀଙ୍କ ପୂର୍ବରୁ ତୁଳସୀ ଦାସ ହିଁ ଜନସାଧାରଣଙ୍କ ସହ ଭାବ ବିନିମୟ କରିବାରେ ସିଦ୍ଧହସ୍ତ ଥିଲେ । ସମ୍ପ୍ରତି ପୃଥିବୀରେ ଚାରିଆଡ଼େ ଅଶାନ୍ତି ଓ ଭ୍ରଷ୍ଟାଚାର ଦେଖା ଦେଇଥିବା ବେଳେ ସୁଖ, ଶାନ୍ତି ଏବଂ ପ୍ରେମର ପ୍ରସାର ପାଇଁ ରାମ ଚରିତ ମାନସ ପାଠ ଏବଂ ଅନୁଶୀଳନର ଆବଶ୍ୟକତା ରହିଛି ।

ରାମ ଚରିତ ମାନସର ଗବେଷକ ଡକ୍ଟର ରାଜ କୁମାର ସାଣ୍ଡିଲ୍ୟ ଏଥିରେ ଅଂଶ ଗ୍ରହଣ କରି ଶ୍ରୀ ରାମଚରିତ ମାନସର ସ୍ୱତନ୍ତ୍ରତା ସମ୍ପର୍କରେ ବିଶଦ୍ ବ୍ୟାଖ୍ୟା କରିଥିଲେ ।

ଶ୍ରୀ ଅରବିନ୍ଦ ମହାପାତ୍ରଙ୍କ ଅଧକ୍ଷତାରେ ହୋଟେଲ ଶିଲାଟାୱାରରେ ଆୟୋଜିତ ଉତ୍ସବର ପ୍ରାରମ୍ଭରେ 'ସ୍ୱୀକାର'ର ସଂପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ, ପ୍ରାଧାପକ ଡକ୍ଟର ଶ୍ୟାମ ସୁନ୍ଦର ଧର ଅତିଥି ପରିଚୟ ଏବଂ ପ୍ରାଧାପକ ଡକ୍ଟର ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଏହି ଉତ୍ସବରେ ଅନ୍ୟାନ୍ୟମାନଙ୍କ ମଧରେ ସ୍ୱାମୀ ସତ୍ୟଧର୍ମାନନ୍ଦ ସରସ୍ୱତୀ, ପୂର୍ବତନ ନଗରପାଳ ଗିରିଶ ପଟେଲ, ବିଜୟ କୁମାର ମହାପାତ୍ର, ସରୋଜ କୁମାର ମହାପାତ୍ର, ବଳରାମ ପଣ୍ଡା, ସୁଶାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ଶଶୀଭୂଷଣ ତ୍ରିପାଠୀ, ପ୍ରମୁଖ ଯୋଗ ଦେଇଥିଲେ ।

## ପୁରାତନ ଛାତ୍ର ସଂଘ ପକ୍ଷରୁ ତାଳପଟିଆ ହାଇସ୍କୁଲକୁ ୩ଲକ୍ଷ ଟଙ୍କା ଦାନ



ଝାରସୁଗୁଡ଼ା : ତାଳପଟିଆ ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ 'ମୋ ସ୍କୁଲ ଅଭିଯାନ' କାର୍ଯ୍ୟକ୍ରମରେ ତିନି ଲକ୍ଷ ଟଙ୍କା ଦାନ ଦିଆଯାଇଛି । ସଂଘ ପକ୍ଷରୁ ସଭାପତି ଅଶ୍ୱିନୀ କୁମାର ମହାପାତ୍ର ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଉକ୍ତ ପରିମାଣର ଏକ ଚେକ୍ ସ୍କୁଲର ପ୍ରଧାନ ଶିକ୍ଷକ ଲଳିତ କୁମାର ହୋତାଙ୍କୁ ପ୍ରଦାନ କରିଥିଲେ । ଗତ ବର୍ଷ ଜାନୁୟାରୀ ମାସରେ ପୁରାତନ ଛାତ୍ର ସଂଘ ପକ୍ଷରୁ ଆୟୋଜିତ ତିନିଦିନ ବ୍ୟାପୀ ସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳନ ଅବସରରେ ସଂଗୃହୀତ ଅର୍ଥରୁ ବଳକା ରହିଥିବା ଟଙ୍କା ସ୍କୁଲର ଉନ୍ନତି ପାଇଁ ଦିଆଯାଇଛି । ଏହି ଟଙ୍କାର ଦୁଇ ଗୁଣ ଟଙ୍କା ସରକାରଙ୍କ ପକ୍ଷରୁ ଦିଆଯାଉଥିବା ଟଙ୍କାକୁ ମିଶାଇ ସ୍କୁଲରେ ସୁବର୍ଣ୍ଣଜୟନ୍ତୀ ସ୍ମାରକୀ ଏକ ହଲ କରାଯିବାକୁ ପୁରାତନ ଛାତ୍ର ସଂଘ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି । ଏହି ଚେକ୍ ପ୍ରଦାନ ବେଳେ ଅବସରପ୍ରାପ୍ତ ଶିକ୍ଷକ ଯଯାତି କୁମାର ନାଏକ, ସଂଘର ସଂପାଦକ ଅଜୟ କୁମାର ଶର୍ମା, କୋଷାଧକ୍ଷ ସୁରେନ୍ଦ୍ର (ଖେତୁ) ସାହୁ ଓ ଲୋକେଶ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ବି.ପି.ସି.ଏଲ୍ ପକ୍ଷରୁ ମେକ୍ ଫ୍ରିଡ଼ମ୍ ଫେଷ୍ଟ ଅଭିଯାନ





ସମ୍ବଲପୁର : ଦେଶ ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତି ଅବସରରେ ଭାରତ ପେଟ୍ରୋଲିୟମ ପକ୍ଷରୁ ମେକ୍ ଫ୍ରିଡମ୍ ଫେଷ୍ଟ' ନାମକ ଏକ ଅଭିଯାନ ଆରମ୍ଭ କରାଯାଇଛି । ଏହି ଯୋଜନାରେ ଗ୍ରାହକମାନେ ତାଙ୍କର ବାଇକରେ ବିପିସିଏଲର କେତେକ ନିର୍ଦ୍ଦିଷ୍ଟ ଆଉଟଲେଟ (ପେଟ୍ରୋଲ ପମ୍ପ)ରେ ଶୀଘ୍ର ତେଲ ବଦଳାଇ ପାରିବେ । ଏହାଛଡ଼ା ଗ୍ରାହକ ମାନେ ଉତ୍ତମ ଲୁବ୍ରିକେଣ୍ଟ ମାଗଣା ପେଟ୍ରୋଲ, ରିହାତି କୁପନ୍ ଏବଂ ଅନ୍ୟାନ୍ୟ ଉପହାର ଏହି ଅଭିଯାନର ଅବଧି ମଧରେ ପାଇ ପାରିବେ । କଂପାନୀ ପକ୍ଷରୁ ସ୍ଥାନୀୟ ଗୋଲବଜାର ସ୍ଥିତ ମୋହନ ଲାଲ ପେଟ୍ରୋଲ ପମ୍ପ ଓ ବୁର୍ଲାର ପେଟ୍ରୋଲ ପମ୍ପରେ ସମ୍ବଲପୁର ଟେରିଟୋରୀ ଟିମ୍ ଦ୍ୱାରା ଏହି ଅଭିଯାନର ଶୁଭାରମ୍ଭ କରାଯାଇଛି । ଚଳିତ ମାସ ୩୧ ତାରିଖ ସୁଦ୍ଧା ଚାଲିବାକୁ ଥିବା ଏହି ଅଭିଯାନର ସୁଫଳ ଗ୍ରାହକ ମାନେ ନେବାକୁ କମ୍ପାନୀ ତରଫରୁ ଅନୁରୋଧ କରାଯାଇଛି ।

## ସମ୍ବଲପୁରରେ ହୋଟେଲ ରିଜେଣ୍ଟା ଇନ୍ ଉଦ୍‌ଘାଟିତ

ସମ୍ବଲପୁର: ସମ୍ବଲପୁରର ମୁଖ୍ୟ ରେଳଷ୍ଟସନ କ୍ଷେତରାଜପୁର ରେଳଷ୍ଟେସନ ନିକଟରେ ନୃସିଂହ ଗୁରୁ ମାର୍ଗ (ଫାର୍ମରୋଡ଼)ରେ ହୋଟେଲ ରିଜେଣ୍ଟା ଇନ୍ ଉଦଘାଟିତ ହୋଇ ଯାଇଛି । ଇକୋରେଲୱେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶ୍ରୀମତୀ ଇସା ମଲ୍ଲିକ ଏହି ବିଳାସ ପୂର୍ଣ୍ଣ ହୋଟେଲର ଉଦଘାଟନ କରିଥିଲେ । ଏହା ଦ୍ୱାରା ବହିରାଗତ ପର୍ଯ୍ୟଟକ ତଥା ସ୍ଥାନୀୟ ବାସିନ୍ଦା ବହୁଳ ଭାବରେ ଉପକୃତ ହେବେ । ରୟାଲ ଅର୍ଚ୍ଚିତ ହୋଟେଲସ ଲିମିଟେଡ ସହାୟତାରେ ଏହା ଓଡ଼ିଶାରେ ପ୍ରଥମ ହୋଟେଲ । ଏଥିରେ ୩୩ ଟି ପ୍ରକୋଷ୍ଠ, ଏକକାଳୀନ ୧୦୦ ଜଣଙ୍କ ନିମନ୍ତେ ଅଭ୍ୟର୍ଥନା କକ୍ଷ, ୨୦ ଜଣଙ୍କ ନିମନ୍ତେ ମିନିପାର୍ଟି କକ୍ଷ ଏବଂ ୬୦ ଜଣଙ୍କ ନିମନ୍ତେ ରେଷ୍ଟୁରାଣ୍ଟ ଏବଂ ଅନ୍ୟାନ୍ୟ ସୁବିଧା ରହିଛି ।

ଉଦଘାଟନ ସମାରୋହରେ ହୋଟେଲର ନିର୍ଦ୍ଦେଶକ କେଶବ କୁମାର ଡାଲମିଆଁ, ନବୀନ କୁମାର ପନସାରୀ, ସହକାରୀ ନିର୍ଦ୍ଦେଶକ ଅନୁରାଗ ଡାଲମିଆଁ, ଗୋପାଳକୃଷ୍ଣ ପନସାରୀ ଏବଂ ଶ୍ରୀମତୀ ସୁମନ ଡାଲମିଆ ପ୍ରମୁଖ ଉପସ୍ଥିତ ଥିଲେ । ଗ୍ରାହକ ମାନଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବା ଆମର ଉଦ୍ଦେଶ୍ୟ ବୋଲି ପରିଚାଳକ ବିପ୍ଳବ ଘୋଷ କହିଛନ୍ତି ।






Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663-2400945
e-mail: hemantamahapatra@yahoo.com Editor : Hemanta Kumar Mahapatra